ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.264, Bhubaneswar Tuesday, December 03, 2019 | ୨୨ତମ ବର୍ଷ ସଂଖ୍ୟା-୨୬୪ ଭୁବନେଶ୍ୱର , ମଙ୍ଗଳବାର, ଡିସେମ୍ବର ୦୩, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS





## ଅଧ୍ୟାପକ ଦୀପକ ବେହେରାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା

**ଭଦ୍ରକ(ପିଏନ) :** ବିଶିଷ୍ଟ କବି ତଥା ପ୍ରଧାପକ ପବିତ୍ର ମୋହନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ତଥା ପ୍ରଫେସର ଅଟଳ ବିହାରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଅଧ୍ୟାପକ ଦୀପକ ବେହେରାଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ସହପାଠୀ, ସହକର୍ମୀ, ଛାତ୍ର ଓ ଅଭିଭାବକମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ସେ ଜଣେ ଛାତ୍ରବତ୍ସଳ, ବନ୍ଧୁପ୍ରେମୀ ବ୍ୟକ୍ତି ଥିଲେ। ରସାୟନ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଭଦ୍ରକ ତଥା ଆଖାପାଖ ଅଂଚଳରେ ଅନେକ ଛାତ୍ରଛାତ୍ରୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଆଖଣ୍ଡମଣି ମହାବିଦ୍ୟାଳୟରେ ରସାୟନ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଭାବରେ ତାଙ୍କର ଯଥେଷ୍ଟ ସୁନାମ ଥିଲା। ଭଦ୍ରକଠାରେ ଡିକେବି'ଏସ୍ କନସେପ୍‌ଚ୍ୟୁଆଲ କେମେଷ୍ଟ୍ରି ଓ ସାଇବିଜ୍ଞାନ ଏକାଡେମୀ ଅନୁଷ୍ଠାନ ମାଧ୍ୟମରେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷାଦାନ କରିଆସୁଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଅଜୟ ନାୟକ, ଅବନୀ ପ୍ରଧାନ, ବାଦଲ ସିକ୍‌ଦାର, ନରହରି ପରିଡା, ମହାଦେବ ଜେନା, ଅଧ୍ୟାପିକା ସୁଚିତ୍ରା ପାଣିଗ୍ରାହୀ, ସୌମ୍ୟଶ୍ରୀ ପାଣିଗ୍ରାହୀ, ରାଧାରାଣୀ ମହାପାତ୍ର, ଗୀତା, ଆୟିଶା, ପ୍ରଧାପକ ଡକ୍ଟର ଶୈଳେନ୍ଦ୍ର ମହାପାତ୍ର,



ପ୍ରଧାପକ ଅଶୋକ ଜେନା, ବିକ୍ରମାଦିତ୍ୟ ଜେନା, ଶ୍ରୀନିବାସ ପତି, ଅଶୋକ ମହାନ୍ତି, ଡକ୍ଟର ପ୍ରଭାକର ଦାସ, ପ୍ରଭାକର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ବହଳି,ସକୁନ୍ତଳା ମହାନ୍ତି, ନିରଞ୍ଜନ ମଲ୍ଲିକ, ଅଧ୍ୟାପକ ଭବାନୀପ୍ରସାଦ ପଣ୍ଡା, ସୂର୍ଯ୍ୟ ଦାସ, ସୁରେଶ କର, ସୌମ୍ୟ ପଣ୍ଡା, ଡକ୍ଟର ଫକୀର ଚରଣ ପ୍ରଧାନ, ଅଧ୍ୟାପକ ନିହାର କର,ଅଧ୍ୟାପକ ଲକ୍ଷ୍ମୀଧର ଦାସ, ସାମ୍ବାଦିକ ଶ୍ରୀକାନ୍ତ ତ୍ରିପାଠୀ, ଅଧ୍ୟାପକ ଅମୂଲ୍ୟ ପରିଡା, ସଂଜୀବ ଦାସ,କୁନି ମହାନ୍ତି, ପ୍ରହଲ୍ଲାଦ ରଣା, ଡକ୍ଟର ରାମଚନ୍ଦ୍ର ରାଉତ, ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ଅଧ୍ୟାପକ ତପନ ଜେନା, ରଂଜନ ଦାସ, ଅନିଲ ନାଏକ, ଅମରେଶ ରାଉତ, ଅଧ୍ୟାପକ ନରେନ୍ଦ୍ର ଜେନା ତଥା ଅନେକ ଗଣମାନ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରି ତାଙ୍କର ଅମର ଆତ୍ମାର ସଦଗତି ପ୍ରାର୍ଥନା କରିଥିଲେ। ତାଙ୍କ ଅବର୍ତ୍ତମାନରେ ଧର୍ମପତ୍ନୀ ପୁଷ୍ପମିତ୍ରା, ଏକମାତ୍ର ପୁତ୍ର ସ୍ୱୟଂସମ୍ଭବ, ମା',ଭାଇଭଉଣୀ, ଭିଣୋଇ ତଥା ପରିବାରବର୍ଗଙ୍କୁ ଭଗବାନ ଏହି ଦୁଃଖଦ ସମୟକୁ ଅତିକ୍ରମ କରିବା ପାଇଁ ଯଥେଷ୍ଟ ଶକ୍ତି ପ୍ରଦାନ କରନ୍ତୁ ଏହାହିଁ କାମନା କରିଥିଲେ।

## ସ୍ୱେଚ୍ଛାକୃତ ଅବସର ନେଲେ ବରିଷ୍ଠ ଆଇଏଏସ୍ ଗଗନ ଧଳ

**ଭୁବନେଶ୍ୱର, (ପିଏନ) :** ୧୯୮୫ ବ୍ୟାଚ୍ ର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ରାଜ୍ୟ ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଗଗନ ଧଳ ସୋମବାର ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ପୂର୍ବରୁ ସେ ଏଥିନେଇ ଆବେଦନ କରିଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ।ଅନ୍ୟପକ୍ଷରେ ଆଇପିଏସ୍ ଅଧିକାରୀ ସୁନୀଲ ରାୟ ଅଗ୍ନିଶମ ସେବା ସଂସ୍ଥାର ନୂତନ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ସଂସ୍ଥାରେ ୫-ଟି କାର୍ଯ୍ୟକ୍ରମ ଲାଗୁ କରାଯିବ। ସୂଚନାଯୋଗ୍ୟ ୧୯୬୦ ମସିହା ଜାନୁଆରୀ ୫ ତାରିଖରେ ଜନ୍ମଗ୍ରହଣ କରିଥିବା ଗଗନ ଧଳ ୧୯୮୫ ମସିହା ଅଗଷ୍ଟ ୨୬ ତାରିଖରେ ଚାକିରିରେ ଯୋଗ ଦେଇଥିଲେ। ସେ ଚାକିରିରେ ୩୦ ବର୍ଷ ପୂରଣ କରିସାରିଥିବା ବେଳେ ତାଙ୍କ ବୟସ ୫୦ ବର୍ଷରୁ ଅଧିକ ହୋଇଥିବା ହେତୁ ତାଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ମଂଜୁର କରାଯାଇଥିବା ଜଣାଯାଇଛି।

### ଶ୍ରୀମନ୍ଦିର ନିରାପତା ବଳୟ ପାଇଁ ଅଭୂତପୂର୍ବ ସମର୍ଥନ

## ସ୍ୱେଚ୍ଛାକୃତ ଘରୋଇ ଜମି ଦେଇଥିବାରୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, (ପିଏନ) :** ଶ୍ରୀମନ୍ଦିର ନିରାପତା ବଳୟ ପାଇଁ ଅଭୂତପୂର୍ବ ସମର୍ଥନ ମିଳିଛି। ଏଥିପାଇଁ ସ୍ୱେଚ୍ଛାକୃତ ଭାବରେ ପ୍ରାୟ ୭୫ ପ୍ରତିଶତ ଘରୋଇ ଜମି ସଂଗ୍ରହ କରାଯାଇଛି। ଜମିମାଲିକମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପବିତ୍ର ଜନ୍ମାଷ୍ଟମୀ ଦିନ ମୁଁ ଆପଣମାନଙ୍କ ନିକଟରେ ଗୋଟିଏ ଅନୁରୋଧ କରିଥିଲି। ଉଦ୍ଦେଶ୍ୟ ଥିଲା ଅତ୍ୟନ୍ତ ମହତ। ଅନୁରୋଧଟି ଥିଲା ମହାପ୍ରଭୁଙ୍କ ଶ୍ରୀମନ୍ଦିରର ନିରାପତା ସଂକ୍ରାନ୍ତରେ। ମହାପ୍ରଭୁ ଓ ତାଙ୍କ ଶ୍ରୀମନ୍ଦିର ଓଡ଼ିଆ ଜାତିର ସବୁକିଛି। ସେ ଆମର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ। ତାଙ୍କର ଶ୍ରୀଚରଣରେ ସମର୍ପିତ ହୋଇ କାର୍ଯ୍ୟ ଆରମ୍ଭ କଲେ ତାହା ମଙ୍ଗଳପ୍ରଦ ହୋଇଥାଏ।

ସେ କହିଛନ୍ତି ଯେ ସେଦିନ ଶ୍ରୀମନ୍ଦିର ନିରାପତା ପାଇଁ ତ୍ୟାଗ କରିବାକୁ ମୁଁ ନମ୍ରତାର ସହ ଆପଣମାନଙ୍କୁ ଅନୁରୋଧ କରିଥିଲି। ମୁଁ ବହୁତ ଖୁସି ଯେ ଆପଣମାନେ ମୋର ଅନୁରୋଧ ରକ୍ଷା କରିଛନ୍ତି। ସେଥିପାଇଁ ମୁଁ କୃତଜ୍ଞ। ମହାପ୍ରଭୁଙ୍କ ଆଶୀର୍ବାଦରେ ମହାପ୍ରଭୁଙ୍କ ପାଇଁ ଆପଣମାନଙ୍କର ଏହି ତ୍ୟାଗକୁ ଓଡ଼ିଆ ଜାତି ସବୁଦିନ ଶ୍ରଦ୍ଧାର ସହ ମନେରଖିବ।

ସେ ଆହୁରି କହିଛନ୍ତି ଶ୍ରୀମନ୍ଦିର ନିରାପତା ପାଇଁ ତାର ୭୫ ମିଟର ପରିସର ମଧ୍ୟରେ ଥିବା ସ୍ଥାବର ସମ୍ପତିକୁ ପ୍ରଦାନ କରିବା ପାଇଁ ମୁଁ ନିବେଦନ କରିଥିଲି। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ୪୦ଦିନ ମଧ୍ୟରେ ସିଧାସଳଖ ବିକ୍ରୀ-ଖର୍ଦ୍ଦି ପ୍ରକ୍ରିୟାରେ ମୋଟାମୋଟି ୭୫ ପ୍ରତିଶତ ଘରୋଇ ଜମି ସଂଗ୍ରହ ହୋଇପାରିଛି। ସାରା ଦେଶରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଏହା ଏକ ଅଭୂତପୂର୍ବ ସଫଳତା। ମହାପ୍ରଭୁଙ୍କ ପାଇଁ ଆପଣମାନେ ଆପଣମାନଙ୍କର ଭିଟାମାଟି, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ, ଲଜିଂ ଆଦି ତ୍ୟାଗ କରିଛନ୍ତି। ଅନେକ ମଠ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ମହାପ୍ରଭୁଙ୍କ ଇଚ୍ଛା ଓ ତାଙ୍କ ପ୍ରେରଣାରେ ହିଁ ଏସବୁ ସମ୍ଭବ ହୋଇପାରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ଗର୍ବ। କାଂଚି ଅଭିଯାନ ସମୟରେ ସେ ନିଜେ ଯୁଦ୍ଧରେ ସାମିଲ ହୋଇ ଓଡ଼ିଆ ଜାତିର ଗୌରବ ରକ୍ଷା କରିଥିଲେ। ମହାପ୍ରଭୁଙ୍କ ପାଇଁ ଆପଣମାନଙ୍କର ଏହି ମହାନ ତ୍ୟାଗ ଜଗନ୍ନାଥ ସଂସ୍କୃତିକୁ ଆହୁରି ଗରୀଆନ କରିଛି। ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟ ନଗରୀ ଭାବରେ ଗଢ଼ିତୋଳିବା ପାଇଁ ଆମ ସଂକଳ୍ପକୁ ଆହୁରି ଦୃଢ଼ କରିଛି। ମହାପ୍ରଭୁଙ୍କ ପାଇଁ ଆପଣମାନଙ୍କର ଏହି ଭଲପାଇବା, ଏହି ସମର୍ପଣ ଭାବ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ହୋଇରହିବ। ମହାପ୍ରଭୁଙ୍କ ଏହି କାର୍ଯ୍ୟରେ ଜିଲ୍ଲା ପ୍ରଶାସନ ଓ ଏହାର ସମସ୍ତ ବିଭାଗୀୟ କର୍ମଚାରୀ ଏବଂ ପୋଲିସ କର୍ମଚାରୀମାନେ ରବିବାର ସମେତ ସବୁ ଛୁଟି ଦିନମାନଙ୍କରେ ମଧ୍ୟ ସେମାନଙ୍କ କାମ ଜାରି ରଖିଛନ୍ତି। ସେଥିପାଇଁ ସେ ସମସ୍ତଙ୍କୁ ବିଶେଷ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ଉନ୍ନତି ପାଇଁ ସେ ପୁଣିଥରେ ସହଯୋଗ କାମନା କରିଛନ୍ତି।

### ନକ୍ସଲ ସଂଗଠନର ୧୯ତମ ପିଏଲଜିଏ ପ୍ରତିଷ୍ଠା ସପ୍ତାହ ଆରମ୍ଭ

## ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳ ସିଲ୍

- ବିଭିନ୍ନ ପ୍ରବେଶ ପଥରେ ଯାନବାହନ ଯାଂଚ୍ କଡ଼ାକଡ଼ି
- ସୀମାନ୍ତ ସୁକୁମା ଜିଲ୍ଲାର ବିଭିନ୍ନ ସ୍ଥାନରେ ଲାଗିଲା ମାଓ ପୋଷ୍ଟର
- ରାଜ୍ୟର ମାଓ ପ୍ରବଣ ୫ ଜିଲ୍ଲାରେ ସରକାରୀ ବସ୍ ଚଳାଚଳ ଠପ୍

**ମାଲକାନଗିରି/କୋରାପୁଟ, (ପିଏନ) :** ଆଜି ଠାରୁ ନକ୍ସଲ ସଂଗଠନ ୧୯ତମ ପିଏଲଜିଏ ପ୍ରତିଷ୍ଠା ସପ୍ତାହ ପାଳନ କରୁଛି । ଏହା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଷ୍ଠା ସପ୍ତାହ ପାଳନ ପରିପ୍ରେକ୍ଷୀରେ ବିଗତ ଦିନ ମାନଙ୍କରେ ମାଓବାଦୀ ମାନେ ବ୍ୟାପକ ହିଂସାକାଣ୍ଡ ଘଟାଇବାର ନଜିର୍ ଥିବାରୁ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସଡ଼କ ଓ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ମାଓ ପ୍ରବଣ ୫ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଏବଂ କନ୍ଧମାଳରେ ସରକାରୀ ବସ୍ ଚଳାଚଳ ଆଜିଠୁ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଂଚଳକୁ ସିଲ୍ କରାଯାଇଛି । ଏତଦ୍ ବ୍ୟତୀତ ଏସବୁ ଜିଲ୍ଲାର ବିଭିନ୍ନ ପ୍ରବେଶ ପଥରେ ଯାନବାହନ ଯାଂଚ୍ କୁ କଡ଼ାକଡ଼ି କରାଯାଇଛି । ଏଥିସହ ମାଓ ପ୍ରବଣ ଇଲାକାର ବିଭିନ୍ନ ଥାନା ଅଂଚଳରେ ବିଏସଏଫ, ଡ଼ିଭିଏଫ୍ ଓ ଏସଓଜି ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନକୁ ଜୋରଦାର୍ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୦୦ ମସିହାରେ ନକ୍ସଲ ସଂଗଠନର ଛାମୁଆ ସଂଗଠନ ଭାବେ ପିପୁଲସ୍ ଲିବରେସନ ଗରିଲା ଆର୍ମି (ପିଏଲଜିଏ) ବାହିନୀ ଗଠନ ହୋଇଥିଲା । ପ୍ରଥମ ବର୍ଷ ଡ଼ିସେମ୍ବର ମାସ ୨ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହକୁ ସଂଗଠନ ତାର ପ୍ରତିଷ୍ଠା ସପ୍ତାହ ଭାବେ ପାଳନ କରିଆସୁଛି । ପ୍ରଥମ ବର୍ଷ ପ୍ରତିଷ୍ଠା ଦିବସରରେ ମାଓବାଦୀ ସଂଗଠନ ପୋଟେରୁ ଫାଣ୍ଡି ଓ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲିଙ୍କ ବାସଗୃହକୁ ବିସ୍ଫୋରଣରେ ଉଡାଇଥିଲେ । ଏପରିକି ପ୍ରତିବର୍ଷ ପିଏଲଜିଏ ସପ୍ତାହ ପାଳନ ଅବସରରେ ମାଓ ସଂଗଠନ ଜିଲ୍ଲାରେ ବିଭିନ୍ନ ଛୋଟ ବଡ଼ ହିଂସାକାଣ୍ଡ ଭିଆଇଥାଏ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ଆନ୍ଧ୍ର-ଓଡ଼ିଶା ଛତିଶଗଡ଼ ସୀମାନ୍ତ ଅଂଚଳକୁ ସିଲ୍ କରାଯାଇ ଜିଲ୍ଲାର ବିଭିନ୍ନ ପ୍ରବେଶ ପଥରେ ଯାନବାହନ ଯାଂଚ୍ କୁ କଡ଼ାକଡ଼ି କରାଯାଇଛି । ଏଥିସହ ମାଓ ପ୍ରବଣ ଥାନା ଅଂଚଳରେ ବିଏସଏଫ୍, ସିଆରପିଏଫ, ଡ଼ିଭିଏଫ୍ ଓ ଏସଓଜି ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନକୁ ଜୋରଦାର୍ କରାଯାଇଛି ।

ସେହିପରି ବିଗତ ବର୍ଷ ମାନଙ୍କରେ ସଂଗଠନ ପକ୍ଷରୁ ରାୟଗଡ଼ା ଓ ଗଜପତି ଜିଲ୍ଲାରେ ପିଏଲଜିଏ ସପ୍ତାହ ପାଳନ ସମୟରେ ୫ଟି ସରକାରୀ ଯାନକୁ ପୋଡି ଦିଆଯାଇଥିବାରୁ ସୁରକ୍ଷା ଦୃଷ୍ଟିରୁ ଓଏସଆରଟିସି ପକ୍ଷରୁ ମାଓ ପ୍ରବଣ ଉପରୋକ୍ତ ଜିଲ୍ଲା ମାନଙ୍କରେ ସରକାରୀ ଯାନବାହନ ଚଳାଚଳ ଆଜିଠୁ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାରେ ସରକାରୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ମାଓ ପ୍ରବଣ ଆଭ୍ୟନ୍ତରିଣ ଅଂଚଳ ଗୁଡିକରେ ସମସ୍ତ ବେସରକାରୀ ବସ୍ ଠାରୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ଚଳାଚଳ ଜାରୀ ରହିଛି ।

ଆଜି ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲାରେ ବିଭିନ୍ନ ସ୍ଥାନରେ ମାଓବାଦୀ ସଂଗଠନ ପକ୍ଷରୁ ପୋଷ୍ଟର୍ ଲଗାଯାଇଛି । ହିନ୍ଦୀ ଭାଷାରେ ଲିଖିତ ଏହି ପୋଷ୍ଟରରେ ପିଏଲଜିଏ ସପ୍ତାହ ଗାଁ ଗାଁ ରେ ପାଳନ କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରାଯାଇଥିବାର ଦେଖିବାକୁ ମିଳିଛି ।

## ଚଳିତ ମାସ ଶେଷ ସୁଦ୍ଧା ପିଆଜ ଦର କମିବ : ମନ୍ତ୍ରୀ

**ଭୁବନେଶ୍ୱର, (ପିଏନ) :** କଂଗ୍ରେସ ଦଳ ପକ୍ଷରୁ ପିଆଜ ବିକ୍ରି କରାଯିବା ସ୍ଥାୟୀ ସମାଧାନ ନୁହେଁ। କଂଗ୍ରେସ କେବଳ ରାଜନୈତିକ ଉଦ୍ଦେଶ୍ୟରେ ପ୍ରତିବାଦ ଦେଖାଇଛି। ଏହା କେବଳ ଓଡିଶାର ନୁହେଁ ପୁରା ଦେଶର ସମସ୍ୟା ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ସେ କହିଛନ୍ତି ଯେ ବାହାର ରାଜ୍ୟରୁ ପିଆଜ ଆସିପାରୁନାହିଁ। ଲଗାଣ ବର୍ଷା ଯୋଗୁଁ ପିଆଜ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଅନ୍ୟ ରାଜ୍ୟରେ ପିଆଜ ଦର ଅଧିକ ରହିବା ବେଳେ ଓଡିଶାରେ ଏହା ଅପେକ୍ଷାକୃତ କମ୍ ରହିଛି। ନୂଆ ପିଆଜ ଆସିଲେ ଏହି ମାସ ଶେଷ ସୁଦ୍ଧା ପିଆଜ ଦରରେ ପରିବର୍ତ୍ତନ ଆସିବ ବୋଲି ମନ୍ତ୍ରୀ କହିଛନ୍ତି।

## ଦୁର୍ନୀତି ଅଭିଯୋଗରେ ଜଣେ ବିଡିଓ, ୨ ଜଣ ସରପଞ୍ଚ ନିଲମ୍ବିତ

**ଭୁବନେଶ୍ୱର, (ପିଏନ) :** ଜଣେ ବିଡିଓ ଏବଂ ଦୁଇ ଜଣ ସରପଂଚଙ୍କୁ ରାଜ୍ୟ ସରକାର ଆଜି ନିଲମ୍ବନ କରିଛନ୍ତି । ଏ ନେଇ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ପଂଚାୟତିରାଜ , ପାନୀୟ ଜଳ , ଆଇନ , ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିଡିଓ ରବିନ୍ଦ୍ର କୁମାର ଶତପଥୀ , ବାଲେଶ୍ୱର ଜିଲ୍ଲା ସୋରୋ ବ୍ଲକ କେଦାରପୁର ଜିପି ସରପଂଚ ଅଭିମନ୍ୟୁ ଜେନା ଏବଂ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଜିପି ସରପଂଚ ଉସାନ୍ତ ସାହୁଙ୍କୁ ନିଲମ୍ବନ କରାଯାଇଛି । ବିଡିଓ ଶ୍ରୀ ଶତପଥୀଙ୍କୁ ପଂଚାୟତି ରାଜ ଓ ପାନୀୟଜଳ ବିଭାଗ ତରଫରୁ ପିଏମ୍‌ଏୱାଇ ସଂପର୍କରେ ଜାରି ମାର୍ଗଦର୍ଶିକା ପାଳନ ନକରିବା ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ନିଲମ୍ବନ କରାଯାଇଛି । ସେହିପରି ସପରଂଚ ଶ୍ରୀ ଉସାନ୍ତ ସାହୁ ବେଆଇନ ଆୟବହିର୍ଭୁତ ସମ୍ପତି ଠୁଳ କରିବା ଏବଂ ସରପଂଚ ଶ୍ରୀ ଅଭିମନ୍ୟୁ ଜେନା ଆର୍ଥିକ ଅନିୟମିତତା ନିମନ୍ତେ ନିଲମ୍ବନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

## ହାତୀପଲଙ୍କ ଆକ୍ରମଣରେ ଜଣେ ମୃତ

**ସମ୍ବଲପୁର,(ପିଏନ) :** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଗଡ଼ପୋଷ ସେକ୍ସନ ଅନ୍ତର୍ଗତ ଡୁମେରମୁଣ୍ଡା-ମହୁଲମୁଣ୍ଡା ରାସ୍ତାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ସୁନିଲ ଏକ୍କା । ୪୫ ବର୍ଷିୟ ସୁନିଲଙ୍କ ଘର ମହୁଲମୁଣ୍ଡା ଅଂଚଳରେ ବୋଲି ଜଣାପଡିଛି । ଆଜି ଭୋର୍ ସମୟରେ ସୁନିଲ୍ ଡୁମେରମୁଣ୍ଡାରୁ ଚାଲି ଚାଲି ଘରକୁ ଯାଉଥିଲେ । ଏହି ସମୟରେ ଜଙ୍ଗଲିଆ ରାସ୍ତାରେ ସେ ଏକ ହାତୀ ପଲ ହାବୁଡ଼ରେ ପଡିଥିଲେ । ହାତୀ ମାନେ ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିବା ସହ ଦଳି ଚକଟି ମାରିଥିଲେ । ପରେ ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ ତାଙ୍କର ମୃତଦେହ ରାସ୍ତା କଡ଼ରେ ପଡିଥିବା ଦେଖି ଏ ସମ୍ପର୍କରେ ବନ ବିଭାଗକୁ ଖବର ଦେଇଥିଲେ । ସୂଚନା ପାଇ ବିଭାଗୀୟ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି ।

### ଚାହିଦା ଅନୁଯାୟୀ ପିଆଜ ଉତ୍ପାଦନ ଓ ସଂରକ୍ଷଣ କ୍ଷେତ୍ରରେ ସରକାର ବିଫଳ

## ପ୍ରତିକାର ଦାବିରେ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର,(ପିଏନ) :**ସାଧାରଣ ଲୋକଙ୍କ ପଖାଳ ସାଙ୍ଗକୁ ପିଆଜ ଦୈନନ୍ଦିନର ଖାଦ୍ୟ। ପିଆଜ କିଲୋ ୮୦ରୁ ୯୦ ଟଙ୍କା। ଫଳରେ ସାରା ରାଜ୍ୟରେ ଖାଉଟି ହନ୍ତସନ୍ତ। ପିଆଜର ଦର ହୁ ହୁ ହୋଇ ବଢ଼ିଚାଲିଥିବା ବେଳେ ସରକାର ଏହାର ଦୃଢ଼ ମୁକାବିଲା ଓ ବଜାର ଦର ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, ସୁଧିର ପରିଚ୍ଛା, ଜତି ପ୍ରଧାନ, ଚୈତରାମ ନାଏକ, ସନ୍ତୋଷ ସାହୁ, କୃଷ୍ଣ ଚନ୍ଦ୍ର ନେପାକ, ବୃନ୍ଦାବନ ଖଟେଇ, ସୁବାଷ ରାଉତ, ଗୋବିନ୍ଦ ମିଶ୍ର, ସୁବୋଧ ବେହେରା, ସୁଧାକର ସାହୁ, ବସନ୍ତ ମହାରଣା, ଉମେଶ ସାହୁ ପ୍ରମୁଖ ବିଭିନ୍ନ ଜିଲ୍ଲାର କିଷାନ କଂଗ୍ରେସ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଆଜି ଏହି ମର୍ମରେ ପିଆଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ବିଧିବଦ୍ଧ ବ୍ୟବସ୍ଥା କରିବା ଦାବିରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କ ନିକଟକୁଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ପିଆଜ ଏକ ଅର୍ଥକରୀ ଫସଲ। ଓଡ଼ିଶାର ସବୁ ଅଞ୍ଚଳରେ ପ୍ରାୟ ପିଆଜ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ପାଇଁ ବାର୍ଷିକ ୪ ଲକ୍ଷ ଟନ୍ ପିଆଜର ଚାହିଦା ରହିଛି। କିନ୍ତୁ ପିଆଜ ଉତ୍ପାଦନ ସମୟରେ ସଠିକ୍ ଭାବରେ ସଂରକ୍ଷଣ କରିବା ଏବଂ ଚାହିଦା ଅନୁଯାୟୀ ଉତ୍ପାଦନ ବୃଦ୍ଧି କରିବା ଦିଗରେ ବିଜେଡ଼ି ସରକାର ତାର ୨୦ ବର୍ଷ ଶାସନ କାଳରେ ଅଦ୍ୟାବଧି କୌଣସି ଏକ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରି ନାହାନ୍ତି। ଫଳରେ ପିଆଜ ପାଇଁ ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ରାଜ୍ୟଗୁଡ଼ିକ ଉପରେ ବାରମ୍ବାର ଓଡ଼ିଶା ରାଜ୍ୟକୁ ନିର୍ଭର କରିବାକୁ ପଡୁଛି। ରାଜ୍ୟରେ ପ୍ରାୟ ୮୦ ହଜାର ହେକ୍ଟରରୁ ଅଧିକ ଜମିରେ ପ୍ରତି ହେକ୍ଟରରୁ ୧୨ ଟନ୍ ହିସାବରେ ପିଆଜ ଚାଷ କରାଯାଇ ବାର୍ଷିକ ୧୦ଲକ୍ଷ ଟନ୍‌ରୁ ଉର୍ଦ୍ଧ୍ୱ ପିଆଜ ଉତ୍ପାଦନ କରାଯାଇ ପାରିବ ଏବଂ ରାଜ୍ୟ ତାର ଚାହିଦା ମେଣ୍ଟାଇବା ସହିତ ବାହାର ରାଜ୍ୟକୁ ପିଆଜ ରପ୍ତାନୀ କରାଗଲେ ଚାଷୀ ଲାଭବାନ ହୋଇ ପାରିବେ। କିନ୍ତୁ ରାଜ୍ୟ ସରକାର କାଗଜ କଲମରେ ୩୫ ହଜାର ହେକ୍ଟରରେ ପିଆଜ ଚାଷ କରାଯାଇ ବାର୍ଷିକ ସାଢ଼େ ତିନି ଲକ୍ଷ ଟନ୍ ପିଆଜ ଉତ୍ପାଦନ କରୁଥିବା ଦର୍ଶାଉଥିବା ବେଳେ ଏହି ସବୁ ପିଆଜକୁ ଚାଷୀଙ୍କଠାରୁ କିଣିବା ଓ ସଂରକ୍ଷଣ କରିବାରେ ବିଫଳ ହୋଇଛନ୍ତି। ଯାହାର ଫାଇଦା ପଡ଼ୋଶୀ ଛତିଶଗଡ଼ ବ୍ୟବସାୟୀମାନେ ପାଉଛନ୍ତି। ଓଡ଼ିଶାର ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ବରଗଡ଼, ଫୁଲବାଣୀ, କୋରାପୁଟ, ଦେବଗଡ଼ ଅନୁଗୋଳ ପ୍ରଭୃତି ଜିଲ୍ଲାଗୁଡ଼ିକରେ ଉତ୍ପାଦିତ ପ୍ରଚୁର ଓଲି ପିଆଜ ଓ ଗଞ୍ଜାମ, ନୟାଗଡ଼ ଭଳି ଅନ୍ୟ ଜିଲ୍ଲାଗୁଡ଼ିକରେ ଦେଶୀ ପିଆଜ ଉତ୍ପାଦନ କରି ଚାଷୀ ଗୁରୁତର କ୍ଷତି ସହୁଛନ୍ତି। ପିଆଜ ଉତ୍ପାଦନ ପାଇଁ ରାଜ୍ୟରେ ଯଥେଷ୍ଟ ସୁଯୋଗ ରହିଥିବା ବେଳେ ଚାଷୀଙ୍କୁ ଠିକଣା ସମୟରେ ବିହନ, ଅତ୍ୟାଧୁନୀକ ଜ୍ଞାନ କୌଶଳ, ପିଆଜ ସଂରକ୍ଷଣ ଏବଂ ବିକ୍ରିବଟା ପାଇଁ ମଣ୍ଡି ବ୍ୟବସ୍ଥା କରାଯାଇ ନାହିଁ। ପିଆଜ ସମସ୍ୟାର ସମାଧାନ ପାଇଁ ବିଗତ ୩ ବର୍ଷ ତଳେ ଆଳୁ ମିଶନ ପରି ପିଆଜ ମିଶନ ଗଠନ କରାଗଲା। ସରକାରଙ୍କ ବିଚିତ୍ର ନୀତି ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ରାଜ୍ୟରେ ପିଆଜର ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ପିଆଜ ଉତ୍ପାଦନ ଅଞ୍ଚଳ ବଢ଼ାଇବା ସହିତ ସଂରକ୍ଷଣ ବ୍ୟବସ୍ଥା ଓ ଚାଷୀଙ୍କୁ ପିଆଜ ଉତ୍ପାଦନ ଓ ସାଇତା ଗୃହ ବାବଦରେ ୯୦ ପ୍ରତିଶତ ସରକାରୀ ରିହାତି, ପିଆଜ ମଣ୍ଡି ସ୍ଥାପନ ଓ ପିଆଜ ଉତ୍ପାଦନ ଓ ବିକ୍ରୟ ଚାଷୀ ସଂଘ ଗଠନ କରିବା ଦାବିରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୦୨ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ରୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବିଶ୍ୱ ଏଡ୍‌ସ ଦିବସରେ "ଜୀବନ ବିନ୍ଦୁ" କାର୍ଯ୍ୟକ୍ରମ



ଭୁବନେଶ୍ୱର(ପିଏନ) : ଆଜି ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ବ୍ଲାଇଣ୍ଡ ଆସୋସେସନ ହଲରେ ବିଜୁ ଛାତ୍ର ଜନତା ଦଳ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱ ପ୍ରତାପ ସାହୁଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି "ଜୀବନ ବିନ୍ଦୁ" କାର୍ଯ୍ୟକ୍ରମ ରେ ୨୮୮ ୟୁନିଟ ରକ୍ତ ସଂଗୃହିତ ହୋଇଛି । ବିଜୁ ଜନତା ଦଳର ମୋ ପରିବାର ଆବାହକ, ଶ୍ରୀଯୁକ୍ତ ଅରୂପ ପଟ୍ଟନାୟକ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଧାୟକ ପ୍ରଣବ ବଳବନ୍ତରାୟ, ଅନନ୍ତ ନାରାୟଣ ଜେନା ଏବଂ ସଂଗ୍ରାମ କେଶରୀ ପାଇକରାୟ, ଜନ୍ମେଜୟ ଲେଙ୍କା, ଅମରେଶ ଜେନା, ଅମରେଶ ପତ୍ରୀ, ସୌଭାଗ୍ୟ ନାୟକ, ରାଜ କମଲ ଜେନା, ଦେବାଶିଷ ସିଟ୍, ସମୀର ପ୍ରଧାନ, ଦୁର୍ଗା ସାମନ୍ତରାୟ, ଜ୍ୟୋତି ଜେନା, ଶ୍ରୀଚନ୍ଦନ ପାତ୍ର, ସ୍ମୃତି ରଂଜନ ପଟ୍ଟନାୟକ, ଅମରଜିତ୍ ସେନାପତି, ଭଗବାନ ପଢିଆରୀ, ଧୃତି ମାର୍ଥା ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାତା ଏବଂ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର ଏବଂ ମ୍ୟୁନିସିପାଲିଟି ହସ୍ପିଟାଲ ରକ୍ତ ଭଣ୍ଡାର ଏହି ଶିବିରରେ ରକ୍ତ ସଂଗ୍ରହ କରିଥିଲେ । ରକ୍ତ ଦାନ ସହିତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ଏଡ୍‌ସ ଦିବସର ସଚେତନତା ଏବଂ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଶୁଭମ କୁମାର ପଣ୍ଡା, ବିବେକ ସ୍ୱାଇଁ, ଆଶୁତୋଷ ମହାପାତ୍ର ଏବଂ ସାଥିମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ

# ଫଟୋଗ୍ରାଫି ପ୍ରତିଯୋଗିତା ଓ ପ୍ରଦର୍ଶନୀ ଏବଂ ଡିସାବିଲିଟି ଆୱାରନେସ୍ ଚଳଚ୍ଚିତ୍ର ଉତ୍ସବ-୨୦୧୯



ଭୁବନେଶ୍ୱର(ପିଏନ) : ପ୍ରତ୍ୟେକ ବର୍ଷ ଡିସେମ୍ବର ୩ ତାରିଖକୁ ବିଶ୍ୱ ଭିନ୍ନକ୍ଷମ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ହେଲା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସମସ୍ୟା ଓ ସେମାନଙ୍କର ମୌଳିକ ଅଧିକାର ସମ୍ବନ୍ଧରେ ବିଶ୍ୱକୁ ଅବଗତ କରାଇବା । ଏହି ଅବସରରେ ରାଜ୍ୟସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆଜି ଭୁବନେଶ୍ୱରସ୍ଥ ଇଡ୍‌କଲ୍ ଅଡିଟୋରିୟମ୍ ଠାରେ ଏକ ଫଟୋଗ୍ରାଫି ପ୍ରତିଯୋଗିତା ଓ ପ୍ରଦର୍ଶନୀ ସହ ଏକ ଦ୍ୱିଦିବସୀୟ ଡିସାବିଲିଟି ଆୱାରନେସ୍ ଚଳଚିତ୍ର ଉତ୍ସବର ଆୟୋଜନ କରାଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଏସ୍‌ଏସ୍‌ଇପିଡି ବିଭାଗର ସେକ୍ରେଟାରୀ ଭାସ୍କର ଜ୍ୟୋତି ଶର୍ମା, ଡାଇରେକ୍ଟର ଶ୍ରୀମତୀ ବ୍ରତୀତା ହରିଚନ୍ଦନ ଅନ୍ୟାନ୍ୟ ଅତିଥିବୃନ୍ଦ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ୨୦ଟି ଶିକ୍ଷାନୁଷ୍ଠାନ ଆସିଥିବା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । "ଡିସାବିଲିଟି" ଉପରେ ଆଧାରିତ ଏହି ଫଟୋ ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ପଠାଇଥିବା ଫଟୋ ସବୁ ସ୍ଥାନ ପାଇବ । ଶ୍ରେଷ୍ଠ ୩ଟି ଫଟୋକୁ ପୁରସ୍କୃତ କରାଯିବ । ଏହା ସହ ୨ ଏବଂ ୩ ଡିସେମ୍ବର ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୯ ପର୍ଯ୍ୟନ୍ତ ଡିସାବିଲିଟି ଆୱାରନେସ୍ ଚଳଚ୍ଚିତ୍ର ଉତ୍ସବ-୨୦୧୯ର ମଧ୍ୟ ଆୟୋଜନ କରାଯାଇଛି । ଏଥିନିମନ୍ତେ ସାରା ଦେଶର ଚଳଚ୍ଚିତ୍ର ନିର୍ଦ୍ଦେଶକମାନଙ୍କଠାରୁ ୭୦ଟି କ୍ଷୁଦ୍ର ଚଳଚ୍ଚିତ୍ର ଆସିଛି । ଏହା ମଧ୍ୟରେ ଡିସାବିଲିଟି ଉପରେ ୭ଟି ଚଳଚିତ୍ର ପ୍ରଦର୍ଶିତ ହେବ । ମୁଁ ବି ଅକ୍ଷମ,ସାମର୍ଥ୍ୟ, ସ୍ୱାଭିମାନ, ଆଇଆମ୍ ଏବୋଲ, ଅଟୋବାଲା, ଛୋଟି ସୋଚ୍, ଡେଫ୍ ଆଣ୍ଡ ଡମ୍, ଡୁ ବିଫୋର୍ ୟୁ ଡାଏ, ଉର୍ବଶୀ, ଶକୁନ୍ତଳା, ଆଟିଚ୍ୟୁଡ୍, ଷ୍ଟାଣ୍ଡ ଫର୍ ରେସ୍‌ପେକ୍ଟ, ୱାନ୍ ଫିଟ୍, ଲଭ୍ ସଟ୍, ଲେଟ୍ସ ବାଇସାଇକେଲ ଟୁଗେଦର୍ ଆଦି ଫିଲ୍ମ ପ୍ରଦର୍ଶିତ ହୋଇଥିଲା । ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ନିମନ୍ତେ ମଧ୍ୟ ଅଡ଼ିଓ ବର୍ଣ୍ଣନା ସହ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି । ୨୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀମାନେ ଏହି ଦୁଇ ଦିବସୀୟ ଚଳଚିତ୍ର ଉତ୍ସବ ଏବଂ ଫଟୋ ପ୍ରଦର୍ଶନୀ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ସାମ୍‌ସଙ୍ଗ ପକ୍ଷରୁ ଗ୍ୟାଲାକ୍ସି ନୋଟ୍ ୧୦ ଓ ଗ୍ୟାଲାକ୍ସି ଏସ୍ ୧୦ ସ୍ମାର୍ଟଫୋନ୍‌ରେ ନୂଆ ଅଫର୍‌ର ଘୋଷଣା

ଭୁବନେଶ୍ୱର: ଭାରତର ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରୋନିକ୍ ଓ ମୋବାଇଲ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ଗ୍ୟାଲାକ୍ସି ରେଞ୍ଜର ସ୍ମାର୍ଟଫୋନ୍‌ର ୧୦ ବର୍ଷ ପୂର୍ତ୍ତି ଅବସରରେ ଏହାର କଟିଙ୍ଗ୍-ଏଜ୍ ସ୍ମାର୍ଟ ଫୋନ୍ ଗୁଡିକ ଉପରେ ଆକର୍ଷଣୀୟ ଅଫର୍ ଘୋଷଣା କରାଯାଇଛି । ଆଜି ସାମ୍‌ସଙ୍ଗ ପକ୍ଷରୁ ଏହାର ଲୋକପ୍ରିୟ ଗ୍ୟାଲାକ୍ସି ନୋଟ୍ ୧୦ ଓ ଗ୍ୟାଲାକ୍ସି ଏସ୍ ୧୦ ଡିଭାଇସ୍ ଗୁଡିକ ଉପରେ ଆକର୍ଷଣୀୟ ଅଫର୍ ଘୋଷଣା କରାଯାଇ କମ୍ପାନୀର ଉପଭୋକ୍ତାଙ୍କୁ ଉତ୍ସବ ମନାଇବା ପାଇଁ ଅଧିକ କାରଣ ପ୍ରଦାନ କରାଯାଇଛି । ଏହି ଅଫର୍ ସମୟରେ ଗ୍ରାହକମାନେ ଗ୍ୟାଲାକ୍ସି ନୋଟ୍ ୧୦ ଓ ନୋଟ୍ ୧୦+ କ୍ରୟ ଉପରେ ୨୧,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ । ସେହିପରି ଗ୍ୟାଲାକ୍ସି ଏସ୍ ୧୦, ଏସ୍ ୧୦+ ଓ ଏସ୍ ୧୦ଇ ସ୍ମାର୍ଟଫୋନ୍ କ୍ରୟଉପରେ ଗ୍ରାହକମାନେ ୨୯,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ । ପରବର୍ତ୍ତୀ ସ୍ତରର ଉତ୍ପାଦକତା ଓ ରଚନାତ୍ମକତା ଚାହୁଁଥିବା ଗ୍ରାହକଙ୍କ ପାଇଁ ଏନ୍‌ହାନ୍ସ୍‌ଡ୍ ଏସ୍-ପେନ୍, ସୁପରଫାଷ୍ଟଚାର୍ଜିଙ୍ଗ୍, ପିସି ପାଇଁ ସାମ୍‌ସଙ୍ଗ ଡେକ୍ସ ଓ ୱିଣ୍ଡୋଜ୍ ଲିଙ୍କ୍ ସହ ସାମ୍‌ସଙ୍ଗ ଗ୍ୟାଲାକ୍ସି ନୋଟ୍ ୧୦ ଓ ଗ୍ୟାଲାକ୍ସି ନୋଟ୍ ୧୦+ ହେଉଛି ସବୁଠାରୁ ଶକ୍ତିଶାଳୀ ସ୍ମାର୍ଟଫୋନ୍ । ଏଚ୍‌ଡିଏଫ୍‌ସି ଡେବିଟ୍ ଓ କ୍ରେଡିଟ୍ କାର୍ଡ ମାଧ୍ୟମରେ ଗ୍ୟାଲାକ୍ସି ନୋଟ୍ ୧୦ ଓ ନୋଟ୍ ୧୦+ ସ୍ମାର୍ଟଫୋନ କିଣୁଥିବା ଗ୍ରାହକମାନେ ୬୦୦୦ ଟଙ୍କାର ଅତିରିକ୍ତ କ୍ୟାସ୍‌ବ୍ୟାକ୍ ପାଇପାରିବେ । ଏଥିସହିତ ଏହି ଅଫର୍ ପିରିୟଡ ମଧ୍ୟରେ ଗ୍ୟାଲାକ୍ସି ନୋଟ୍ ୧୦ ଓ ନୋଟ୍ ୧୦+ କିଣୁଥିବା ଗ୍ରାହକମାନେ ନୂତନ ଗ୍ୟାଲାକ୍ସି ୱାଚ୍ ଆକ୍ଟିଭ୍‌କୁ ବଜାର ଦର ତୁଳନାରେ ୧୫,୦୦୦ ଟଙ୍କାର ଲାଭ ସହ ମାତ୍ର ୪୯୯୦ ଟଙ୍କାରେ ପାଇପାରିବେ । ଗ୍ୟାଲାକ୍ସି ଏସ୍ ୧୦ ସ୍ମାର୍ଟଫୋନ୍ ଗୁଡିକରେ ପରବର୍ତ୍ତୀ ପୀଢିର ସୁବିଧା ଯେପରିକି ଡାଇନାମିକ୍ ଆମୋଲୋଡ୍ ଡିସ୍‌ପ୍ଲେ, ଏଚ୍‌ଡିଆର୍ ୧୦+ ଭିଡିଓ କ୍ୟାପ୍‌ଚର ଓ ଅଲ୍-ଡେ ବ୍ୟାଟେରୀ ସୁବିଧା ରହିଛି । ଅଫର୍ ସମୟରେ ଗ୍ୟାଲାକ୍ସି ଏସ୍ ୧୦, ଏସ୍ ୧୦+ ଓ ଏସ୍ ୧୦ଇ ସ୍ମାର୍ଟଫୋନ୍ କିଣୁଥିବା ଗ୍ରାହକମାନେ ଗ୍ୟାଲାକ୍ସି ୱାଚ୍ ଆକ୍ଟିଭ୍‌କୁ ଏକାଧିକ ଅଫର୍ ସହ କିଣି ପାରିବେ । ଏହାଛଡା ସେମାନେ ଏଚ୍‌ଡିଏଫ୍‌ସି ଡେବିଟ୍ ଓ କ୍ରେଡିଟ୍ କାର୍ଡ ମାଧ୍ୟମରେ ଏହି ସ୍ମାର୍ଟଫୋନ୍ କିଣିଲେ ୬୦୦୦ ଟଙ୍କାର କ୍ୟାସ୍‌ବ୍ୟାକ୍ ସହ ୮୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ କ୍ୟାସ୍‌ବ୍ୟାକ୍ ମଧ୍ୟ ପାଇପାରିବେ । ଏହି ଆକର୍ଷଣୀୟ ଅଫର୍‌ଗୁଡିକ ୨୦୧୯ ନଭେମ୍ବର ୨୮ ତାରିଖରୁ ଆସନ୍ତା ଡିସେମ୍ବର ୩୧, ୨୦୧୯ ପର୍ଯ୍ୟନ୍ତ ଦେଶବ୍ୟାପୀ ସାମ୍‌ସଙ୍ଗ ଇ-ଷ୍ଟୋର, ଫ୍ଲିପ୍‌କାର୍ଟ, ଆମାଜନ୍, ପେଟିଏମ୍, ଟାଟାକ୍ଲିକ୍ ଓ ନିର୍ଦ୍ଦିଷ୍ଟ ରିଟେଲ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେବ । ଏହା ବ୍ୟତୀତ ସାମ୍‌ସଙ୍ଗ୍ ଏହାର ଗ୍ୟାଲାକ୍ସି ଏ ସିରିଜ୍ ସ୍ମାର୍ଟଫୋନ୍ ଉପରେ ମଧ୍ୟ ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି । ଅଧିକ ତଥ୍ୟ ପାଇଁ ସାମ୍‌ସଙ୍ଗ.କମ୍/ଇନ୍‌କୁ ଯାଆନ୍ତୁ ।

# ମୋବାଇଲ ଗ୍ରାହକମାନଙ୍କ ପାଇଁ ଏୟାରଟେଲ ପକ୍ଷରୁ ସଂଶୋଧିତ ଟାରିଫର ଘୋଷଣା

ଭୁବନେଶ୍ୱର : ଭାରତର ବୃହତ୍ତମ ଟେଲିକମ୍ୟୁନିକେସନ କମ୍ପାନୀ, ଭାରତୀ ଏୟାରଟେଲ ("ଏୟାରଟେଲ"), ଏହାର ମୋବାଇଲ ଗ୍ରାହକମାନଙ୍କ ପାଇଁ ଏକ ସଂଶୋଧିତ ଟାରିଫ ପ୍ଲାନର ଘୋଷଣା କରିଛି । ଏହି ଟାରିଫ ଗୁଡ଼ିକ ଚଳିତ ବର୍ଷ ଡିସେମ୍ବର ୩ ତାରିଖ, ମଙ୍ଗଳବାରଠାରୁ ଲାଗୁ ହୋଇଯିବ । ଏୟାରଟେଲର ନୂତନ ପ୍ଲାନରେ ଟାରିଫର ରେଞ୍ଜ ଦିନ ପିଛା ୫୦ପଇସାରୁ ୨.୮୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି ଏବଂ ଉପଯୁକ୍ତ ଡାଟା ସହ କଲିଙ୍ଗ ସୁବିଧା ମଧ୍ୟ ପ୍ରଦାନ କରୁଛି । ଯେପରିକି ପୁରୁଣା ପ୍ଲାନରେ ୩୫ ଟଙ୍କାରେ ୨୮ ଦିନର ବୈଧତା ସହ ୨୬.୬୬ ଟଙ୍କାର ଟକଟାଇମ ସହିତ ୧୦୦ଏମବି ଡାଟା ମିଳୁଥିବାବେଳେ ସମାନ ବୈଧତା ସହ ବର୍ତ୍ତମାନ ୪୯ ଟଙ୍କାର ପ୍ଲାନରେ ୩୮.୫୨ ଟଙ୍କାର ଟକଟାଇମ ସହିତ ୧୦୦ ଏମବି ଡାଟା ମିଳୁଛି । ସେହିଭଳି ପୂର୍ବରୁ ୧୬୯ ଟଙ୍କାରେ ୨୮ ଦିନର ବୈଧତା ସହ ଅନଲିମିଟେଡ କଲିଙ୍ଗ, ଦିନ ପିଛା ୧୦୦ ଏସଏମଏସ, ୧ ଜିବି ଡାଟା ଏବଂ ୧୯୯ ଟଙ୍କାରେ ଅନଲିମିଟେଡ କଲିଙ୍ଗ, ଦିନକୁ ୧୦୦ ଏସଏମଏସ, ୧.୫ ଜିବି ଡାଟା ମିଳୁଥିଲା ଯେବେକି ବର୍ତ୍ତମାନ ସମାନ ବୈଧତା ସହ ୨୪୮ ଟଙ୍କାରେ ଅନଲିମିଡେଟ କଲିଙ୍ଗ, ଦିନକୁ ୧୦୦ ଏସଏମଏସ ଏବଂ ୧.୫ଜିବି ରୁ ୨ ଜିବି ପର୍ଯ୍ୟନ୍ତ ଡାଟା ସୁବିଧା ରହିଛି । ଏହା ବ୍ୟତୀତ ଅନ୍ୟାନ୍ୟ ନୂତନ ପ୍ଲାନ ମଧ୍ୟ ରହିଛି ।

ଅତିରିକ୍ତ ଭାବେ ଏୟାରଟେଲ ଥ୍ୟାଙ୍କସ ଆପ ପ୍ଲାଟଫର୍ମର ଏକ ଅଂଶ ଭାବେ ଏୟାରଟେଲ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେଉଛି, ଯାହାକି ଏୟାରଟେଲ ଏକ୍ସଟ୍ରିମ, ୱିଙ୍କ ମ୍ୟୁଜିକ, ଡିଭାଇସ ସୁରକ୍ଷା, ଆଣ୍ଟି-ଭାଇରସ ସୁରକ୍ଷା ଏବଂ ଆହୁରି ଅନେକ କିଛିରୁ ପ୍ରିମିୟମ ବିଷୟବସ୍ତୁ (୧୦,୦୦୦ ସିନେମା, ସ୍ୱତନ୍ତ୍ର ଶୋ ଏବଂ ୪୦୦ ଟିଭି ଚ୍ୟାନେଲ)ଗୁଡ଼ିକର ପହଞ୍ଚକୁ ସମର୍ଥ କରୁଛି । ଏହା ସମ୍ପର୍କରେ ଭାରତୀ ଏୟାରଟେଲର ମୁଖ୍ୟ ମାର୍କେଟିଙ୍ଗ ଅଫିସର ଶ୍ରୀ ଶାଶ୍ୱତ ଶର୍ମା କହିଛନ୍ତି ଯେ, "ଆମର ମୋବାଇଲ ପ୍ଲାନ ଗୁଡ଼ିକ ଆମର ଗ୍ରାହକମାନଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ସହ ଏୟାରଟେଲର ୪ ଜି ନେଟୱର୍କରେ ଏକ ଉନ୍ନତମାନର ନେଟୱର୍କ ସହ ପ୍ରସ୍ତୁତ ହୋଇ ଆସିଛି ।"

# କେଟିଏମ୍ ପକ୍ଷରୁ ବାଲେଶ୍ୱରରେ ଆକର୍ଷଣୀୟ ଷ୍ଟଂଟ୍ ସୋ ଆୟୋଜନ

ବାଲେଶ୍ୱର: ୟୁରୋପର ରେସିଂ କିମ୍ବଦନ୍ତୀ କେଟିଏମ୍ ପକ୍ଷରୁ ବାଲେଶ୍ୱରରେ ଆକର୍ଷଣୀୟ କେଟିଏମ୍ ଷ୍ଟଂଟ୍ ସୋ' ଆୟୋଜନ କରାଯାଇଛି । ପେସାଦାର ଷ୍ଟଂଟ୍ ପ୍ରଦର୍ଶନକାରୀମାନେ ଆଖିଦୃଶିଆ ଷ୍ଟଂଟ୍ ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ବାଇକ୍ ପ୍ରେମୀମାନେ ନୂତନ ଭାବେ ଉନ୍ମୋଚିତ ଓ ବହୁ ପ୍ରତିକ୍ଷୀତ ଆର୍‌ସି ୧୨୫ ଏବିଏସ୍‌କୁ ଦେଖିବାର ସୁଯୋଗ ପାଇଥିଲେ । ଓଡ଼ିଶାର ବାଲେଶ୍ୱର ବସ୍ ଷ୍ଟାଣ୍ଡରେ ଏହି ଷ୍ଟଂଟ୍ ସୋ' ଆୟୋଜନ କରାଯାଇଥିଲା । ପ୍ରଫେସନାଲ୍ ଷ୍ଟଂଟ୍ ପ୍ରଦର୍ଶନକାରୀମାନେ କେଟିଏମ୍ ଡ୍ୟୁକ୍ ବାଇକ୍‌ରେ ଷ୍ଟଂଟ୍ ପ୍ରଦର୍ଶନ କରିଛନ୍ତି । ଶ୍ରୀଯୁକ୍ତ ସୁମିତ ନାରଙ୍ଗ, ଉପ ସଭାପତି-ପ୍ରୋ ବାଇକିଙ୍ଗ, ବଜାଜ ଅଟୋ କହିଛନ୍ତି ଯେ, "କେଟିଏମ୍ ବ୍ରାଣ୍ଡ ଉଚ୍ଚ ପ୍ରଦର୍ଶନକାରୀ ରେସିଂ ବାଇକ୍ ପାଇଁ ଜଣାଶୁଣା ଏବଂ ଏହା ସବୁବେଳେ ଚାହେଁ ଯେ ଗ୍ରାହକମାନେ କେଟିଏମ୍ ବାଇକ୍‌ର ରୋମାଂଚକୁ ଅନୁଭବ କରନ୍ତୁ । ପେସାଦାର ଷ୍ଟଂଟ୍ ସୋ ପ୍ରତି ପ୍ରମୁଖ ସହରରେ ଆୟୋଜନ କରାଯାଉଛି ଏବଂ ନିକଟ ଭବିଷ୍ୟତରେ ଏହାର କଳେବର ବୃଦ୍ଧି ପାଇବ । କେଟିଏମ୍ ହେଉଛି ଏକ ସ୍ୱତନ୍ତ୍ର ପ୍ରିମିୟମ୍ ବ୍ରାଣ୍ଡ୍ ଏବଂ ଆମେ କେଟିଏମ୍ ଗ୍ରାହକଙ୍କୁ ସ୍ୱତନ୍ତ୍ର କେଟିଏମ୍ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ ।'' ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା ଏବଂ ସହରରେ ଏହା ବେଶ ଆଲୋଡ଼ନ ସୃଷ୍ଟି କରିଛି ।

ବର୍ତ୍ତମାନ ସୁଦ୍ଧା କେଟିଏ୍ ଷ୍ଟଂଟ୍ ସୋ ସୁରଟ, ଅହମ୍ମଦାବାଦ, କାଂଚିପୂରଣ, କୋଏମ୍ବାଟୁର, ଚେନ୍ନାଇ, ବିଜୟପୁର, ଲକ୍ଷ୍ନୌ, ଔରଙ୍ଗାବାଦ, ଜମ୍ମୁ, ଜଳନ୍ଧର, ଯୋଦ୍ଧପୁର, ଅଙ୍କଲେଶ୍ୱର, ବାରାଣାସୀ, ବାଲୁଗାଁ, ବ୍ରହ୍ମପୁର, କଟକ, ଭଦ୍ରକ ଓ ଭୁବନେଶ୍ୱରରେ ଏବଂ ଅନ୍ୟ ପ୍ରମୁଖ ସହରରେ ଆୟୋଜନ କରାଯାଇଛି । କେଟିଏମ୍ ପ୍ରେମୀମାନେ କେଟିଏମ୍-ବାଲେଶ୍ୱର-ଭିମପୁରା ଛକ, ଏଚପି ପେଟ୍ରୋଲ୍ ପମ୍ପ ପାଖ, ବାଲେଶ୍ୱର ରୁ କେଟିଏମ୍ ବାଇକ୍‌ଗୁଡ଼ିକୁ କିଣିପାରିବେ ।

# ନୁଭୋକୋ ପକ୍ଷରୁ ଭୁବନେଶ୍ୱରରେ 'ଆର୍ଟିଷ୍ଟ କୋର୍ସ'ର ବ୍ୟବହାର କରି ସାଇକେଲ ଟ୍ରାକ ତିଆରି

ଭୁବନେଶ୍ୱର: ଏକ ସୁରକ୍ଷିତ, ପ୍ରଗତିଶୀଳ ଏବଂ ସୁଦୃଢ଼ ବିଶ୍ୱର ନିର୍ମାଣ ଦିଗରେ ପ୍ରତିଶ୍ରୁତି ସହ ନୁଭୋକୋର ନୂତନ ସମାଧାନ ସ୍ମାର୍ଟସିଟି ମିଶନରେ ଯୋଗଦାନ କରିଛି । ଭୁବନଶ୍ୱେର ସ୍ମାର୍ଟ ସିଟି ଲିମିଟେଡ(ବିଏସସିଏଲ) ପରିଯୋଜନା ପାଇଁ ଏକ ଉତ୍ସର୍ଗୀକୃତ ସାଇକେଲ ଟ୍ରାକ ବିଛାଇବା ପାଇଁ ନୁଭୋକୋ 'ଆର୍ଟିଷ୍ଟ କୋର୍ସ'ର ବ୍ୟବହାର କରିଛି । ଏହି ସମାଧାନ ସାଇକେଲ ଆରୋହୀ ମାନଙ୍କୁ ଟ୍ରାଫିକ ସମସ୍ୟାର ଭୟ ବ୍ୟତୀତ ଚାଳନା କରିବାର ସ୍ୱାଧିନତା ଦେଉଛି । ଏହା ଏକ ସୁସ୍ଥ ଜୀବନଶୈଳୀ ଏବଂ ପରିବେଶକୁ ମଧ୍ୟ ପ୍ରୋତ୍ସାହିତ କରୁଛି । ଏଗୁଡ଼ିକୁ ପୃଥକ ଭାବେ ଚିହ୍ନିତ କରିବା ପାଇଁ କଂକ୍ରିଟ ଯୁକ୍ତ ଟ୍ରାକରେ ଷ୍ଟେନସିଲର ବ୍ୟବହାର କରି ସାଇକେଲର ସଂଙ୍କେତ ମଧ୍ୟ ଅଙ୍କିତ ହୋଇଛି । ଏହା ଭୁବନେଶ୍ୱର ପାଇଁ ଏହାର ପ୍ରଥମ ଅଭିନବ ପ୍ରୟାସ ଯେଉଁଠାରେ ବାଣୀ ବିହାର ଛକ ଠାରୁ ମାଷ୍ଟର କ୍ୟାଣ୍ଟିନ (ଭୁବନେଶ୍ୱର ରେଲୱେ ଜଙ୍କସନ ପାଖରେ) ପର୍ଯ୍ୟନ୍ତ ଏବଂ ପରିଶେଷରେ ଫରେଷ୍ଟ ପାର୍କର ଉଭୟ ପାର୍ଶ୍ୱରେ ୧୦ କି.ମି ପର୍ଯ୍ୟନ୍ତ ପ୍ରସାରିତ ଗଳିଗୁଡ଼କୁ ବିଶେଷ କରି ସାଇକେଲ ଚାଳନା ନିମନ୍ତେ ପ୍ରସ୍ତୁତ କରାଯାଇଛି । ଏହି ପରିଯୋଜନାର ଆବଶ୍ୟକତା ଅନୁଯାୟୀ ଏହି ସାଇକେଲ ଟ୍ରାକକୁ ଏକ ନର୍ଦ୍ଦମା ଆରସିସି ସ୍ଲାବ ଉପରେ ନିର୍ମାଣ କରାଯିବାର ଥିଲା । ଅତିରିକ୍ତ ଭାବେ ରାତି ସମୟରେ ଠିକ ଭାବେ ଦୃଶ୍ୟମାନ ହେବା ପାଇଁ ଏହାର ଉପରିଭାଗକୁ ନାଲି ରଙ୍ଗ କରାଯିବ । ଇଟା ରଙ୍ଗର ଏହି 'ଆର୍ଟିଷ୍ଟ କୋର୍ସ' ଏକ ଆଦର୍ଶ ସମାଧାନ ଭାବରେ ଚିହ୍ନିତ ହୋଇଥିଲା ଯାହାକି ବିଏସସିଏଲର ସମସ୍ତ ମାନଦଣ୍ଡକୁ ପୂରଣ କରିପାରିଛି । ଏହି ପରିଯୋଜନା ପାଇଁ ସମୁଦାୟ ୧ ଲକ୍ଷ୍ୟ ବର୍ଗ ଫୁଟ ଅଞ୍ଚଳକୁ ଚିହ୍ନିତ କରାଯାଇଥିଲା, ଯାହାକି ପର୍ଯ୍ୟାୟ କ୍ରମେ ଚାଲିଛି । ଏପର୍ଯ୍ୟନ୍ତ ନୁଭୋକୋ ପାଖାପାଖି ୫୭,୦୦୦ ବର୍ଗ ଫୁଟ ଅଞ୍ଚଳରେ ଆଚ୍ଛାଦିତ କରିସାରିଛି । ଏହି ପରିଯୋଜନା ସମ୍ପର୍କରେ ନୁଭୋକୋ, ଆରଏମଏକ୍ସ ମୁଖ୍ୟ ଶ୍ରୀ ପ୍ରଶାନ୍ତ ଝା କହିଛନ୍ତି ଯେ, "ଏହି ପରିଯୋଜନା ଏବଂ ଆମର 'ଆର୍ଟିଷ୍ଟ କୋର୍ସ' ଉତ୍ପାଦ ଗୁଡ଼ିକ ଜରିଆରେ ଆମେ ଏପରି ଏକ ପରିବେଶର ଲକ୍ଷ୍ୟ ରଖିଛୁ, ଯାହା ସମୁଦାୟକୁ ସାଇକେଲର ବ୍ୟବହାର ପାଇଁ ପ୍ରୋତ୍ସାହିତ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଏବଂ ପ୍ରଦୂଷଣକୁ କମାଇ ପାରିବ । ଏହା ସେମାନଙ୍କୁ ମୋଟରଯାନ ଗୁଡ଼ିକ ଉପରେ ସେମାନଙ୍କ ନୀର୍ଭରଶୀଳତାକୁ ହ୍ରାସ କରିବା ସହ ଏକ ଦୀର୍ଘ ସ୍ୱାସ୍ଥ୍ୟ ଲାଭ ମଧ୍ୟ ଯୋଗାଇବ ।"

# ଶ୍ରେଷ୍ଠ ୯ଟି ଟିମ୍ ମଧ୍ୟରେ ରହି ୨୦୧୯ ଏଆର୍‌ଆର୍‌ସି ସିଜନ୍ ଶେଷ କଲା ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍

ଭୁବନେଶ୍ୱର: ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ୨୦୧୯ ଏସିଆ ରୋଡ୍ ରେସିଂ ଚାମ୍ପିଆନ୍‌ସିପ୍ (ଏଆର୍‌ଆର୍‌ସି)ରେ ଶ୍ରେଷ୍ଠ ୯ଟି ଟିମ୍ ମଧ୍ୟରେ ସ୍ଥାନ ପାଇଛି । ଏହାର ଅନ୍ତିମ ପର୍ଯ୍ୟାୟକୁ ଥାଇଲ୍ୟାଣ୍ଡ୍‌ର ଚାଙ୍ଗ୍ ଇଟଂରନ୍ୟାସନାଲ୍ ସର୍କିଟ୍‌ରେ ଆୟୋଜନ କରାଯାଇଥିଲା । ଏପି ୨୫୦ ଶ୍ରେଣୀ ବର୍ଗରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ୨୦ଟି ଟିମ୍‌ର ୩୦ ଜଣ ଚାଳକ ଏଥିରେ ଅଂଶଗ୍ରହଣ କରିଥିଲେ । ରେସ୍ ସମୟରେ ଅନେକ ନାଟକୀୟ ମୋଡ଼ ଦେଖିବାକୁ ମିଳିଥିଲା । ରେସ୍ ସମୟରେ ଟ୍ରାକ୍ ସୀମା ଅତିକ୍ରମ କରିଯିବାରୁ ପାଂଚ ଜଣ ଚାଳକଙ୍କୁ ପେନାଲ୍‌ଟି (ଦଣ୍ଡ) ମିଳିଥିଲା । ସେଥିରେ ଭାରତର ଦୁଇ ପ୍ରମୁଖ ଚାଳକ ସେନ୍ଥିଲ କୁମାର ଓ ରାଜୀବ ସେତୁ ମଧ୍ୟ ଥିଲେ । ରେସ୍ ଆରମ୍ଭରେ ୧୧ ଓ ୧୩ତମ ସ୍ଥାନରେ ଥିବା ଏହି ଦୁଇ ଚାଳକ ପାଂଚଟି ସ୍ଥାନ ହରାଇଥିଲେ ଏବଂ ରେସ୍ ଶେଷ ହେବା ବେଳକୁ ଯଥାକ୍ରମେ ୧୬ ଓ ୧୮ତମ ସ୍ଥାନରେ ରହିଥିଲା । ସେଥିପାଇଁ ଭାରତର ଏହି ଏକମାତ୍ର ଟିମ୍‌କୁ କୌଣସି ପଏଂଟ୍ ମିଳିନଥିଲା ।

ଉଭୟ ରାଜୀବ ଓ ସେନ୍ଥିଲ ଟ୍ରାକ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏହି ତ୍ରୁଟି ସବୁ କିଛି ବିଗାଡ଼ି ଦେଇଥିଲା । ତିନି ଜଣ ପ୍ରମୁଖ ଚାଳକ ରେସ୍‌ରୁ ବାହାର ହୋଇଯାଇଥିଲା । ଏଥିରେ ଥାଇଲାଣ୍ଡ୍‌ର ଚାଳକ ପିୟାବତ ପାତୋମ୍ୟୋସ ବିଜେତା ହୋଇଥିଲେ । ଭୋରାପୋଙ୍ଗ ମାଲାହୁଁଆ ଦ୍ୱିତୀୟ ଓ ଅଶ୍ୱିନୀ ସଂଜୟ ତୃତୀୟ ସ୍ଥାନରେ ରହିଥିଲା । ୨୦୧୯ ଏପି ୨୫୦ ଶ୍ରେଣୀ ଚାମ୍ପିଆନ୍‌ସିପ୍‌ରେ ଇଣ୍ଡୋନେସିଆର ଚାଳକମାନେ ଆଧିପତ୍ୟ ବିସ୍ତାର କରିଥିଲେ ।

ଏହି ଅବସରରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପ ସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, ଫଆଜିର କାହାଣୀ ଥିଲା ହୋଣ୍ଡାର ଭାରତୀୟ ଚାଳକଙ୍କ ଆହ୍ୱାନ । ଆମର ଯୁବ ଭାରତୀୟ ଚାଳକ ସେନ୍ଥିଲ ଏଆରଆରସିରେ ନିଜର ସବୁଠୁ ଶ୍ରେଷ୍ଠ ସ୍ଥାନ ୧୧ତମ ସ୍ଥାନରେ ରେସ ଶେଷ କରି ନିଜର ଲ୍ୟାପ ସମୟର ପ୍ରତିବନ୍ଧକକୁ ଅତିକ୍ରମ କରିଥିଲେ ଏବଂ ପ୍ରଥମ ଥର ଲାଗି ଏପି ୨୫୦ ଶ୍ରେଣୀ ବର୍ଗରେ ୧୧ତମ ସ୍ଥାନ ହାସଲ କରିଛନ୍ତି । ରାଜୀବ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆଣିଥିଲେ ଏବଂ ୨୦୧୯ରେ ଆମର ପ୍ରଦର୍ଶନ ଆମକୁ ଗୁରୁତ୍ୱର ସହ ନେବା ଲାଗି ଏହି ପ୍ରତିଦ୍ୱନ୍ଦ୍ୱିତାରେ ଅନ୍ୟମାନଙ୍କୁ ଏକପ୍ରକାର ବାଧ୍ୟ କରିଛି । ଆଜିର ପେନାଲଟି (ଦଣ୍ଡ) ଯଦିଓ ପ୍ରଭାବିତ କରିଥିଲା କିନ୍ତୁ ନିଜର କଳାକୁ ଉନ୍ନତ କରିବା ଲାଗି ଏହା ଆମ ଚାଳକଙ୍କୁ ଏକ ସୁଯୋଗ ଦେଇଛି । ଲୋକଙ୍କ ସ୍ୱପ୍ନକୁ ପୂରଣ କରୁଥିବା ଏକ କଂପାନି ଭାବେ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଲକ୍ଷ୍ୟ ହେଉଛି ବିଶ୍ୱ ପାଇଁ ଶ୍ରେଷ୍ଠ ଭାରତୀୟ ଚାଳକ ବିକଶିତ କରିବା । ସେହି ସ୍ୱପ୍ନକୁ ନେଇ ଆମେ ଆସନ୍ତାକାଲି ଠାରୁ ୨୦୨୦ର ସିଜନ୍ ଲାଗି ପ୍ରସ୍ତୁତି ଆରମ୍ଭ କରିବୁ ।''

**PARADIP PORT TRUST**

**e-TENDER CALL NOTICE**
**NO. EM/PED/TECH-69/2019**

Name of the work: "Installation of Variable Refrigerant Flow (VRF) type Air Conditioning system and Air Curtains in Multipurpose Hall". Estimated cost: **Rs.50,30,516/-**. Last date & time of submission of bid: **dt.25/12/2019 up to 17:00 Hrs.** Refer our website for details: https://eprocure.gov.in/eprocure/app

**Executive Engineer (PED-III)**

PPT/PR/499/19-20 Dt. 30/11/2019

# କଟକରେ ସର୍ବାଧିକ ଯୁବପିଢୀ ହୃଦ୍‌ରୋଗର ଶିକାର ହେଉଛନ୍ତି

କଟକ:ସ୍ଥାନୀୟ ଡାକ୍ତରମାନେ ଯୁବବର୍ଗଠାରେ ହୃଦ୍‌ଘାତର ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବା ରେକର୍ଡ କରିଛନ୍ତି । ହୃଦ୍‌ରୋଗର ମୋଟ ମାମଲାରୁ ୧୫% ୪୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳିଛି । ଖରାପ କୋଲେଷ୍ଟ୍ରଲ୍‌ର ଉଚ୍ଚ ସ୍ତର ହେଉଛି ଏହାର ପ୍ରମୁଖ ବିପଦ୍‌ଜନକ କାରକ ଏବଂ ସହରର ହୃଦ୍ ରୋଗ ବିଶେଷଜ୍ଞମାନେ ଯୁବପୀଢୀଙ୍କୁ ଦୁଗ୍ଧ ଜାତୀୟ ଉତ୍ପାଦର, ଶୁଦ୍ଧ ଚିନି ଓ ମଇଦା ଓ ବେକେରୀ ଉତ୍ପାଦର କମ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି କାରଣ ଏହିସବୁ ଖାଦ୍ୟରେ ଟ୍ରାନ୍ସ ଫ୍ୟାଟ୍‌ର ପରିମାଣ ଯଥେଷ୍ଟ ଅଧିକ ରହିଛି । କାର୍ଯ୍ୟ କ୍ଷେତ୍ରରେ ଚାପ, ଖରାପ ଜୀବନଶୈଳୀ, କମ୍ ବ୍ୟାୟାମ, ଟ୍ରାନ୍ସ ଫ୍ୟାଟି ଖାଦ୍ୟର ଅଧିକ ବ୍ୟବହାର ଶରୀରରେ ଖରାପ କୋଲେଷ୍ଟ୍ରଲର ମାତ୍ରା ବୃଦ୍ଧିକରିବା ସହ ବ୍ୟକ୍ତିଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ ଓ ମେଦବହୁଳତାଭଳି ହୃଦ୍‌ରୋଗର ଅନ୍ୟାନ୍ୟ ବିପଦପୂର୍ଣ୍ଣ କାରକରେ ପ୍ରଭାବିତ କରିଥାଏ ।

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡଃ ଦୀପକ ରଞ୍ଜନ ଦାସ ୪୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କଠାରେ କୋରୋନାରି ହୃଦ୍‌ରୋଗ ମାମଲା ବୃଦ୍ଧି ପାଇବା ସମ୍ପର୍କରେ ମତରଖି କହିଛନ୍ତି, ବର୍ତ୍ତମାନ ସମୟରେ ଆମ ପାଖକୁ ୨୫ ବର୍ଷ ବୟସର ଯୁବପୀଢୀ ହୃଦ୍‌ଘାତର ଚିକିତ୍ସା ପାଇଁ ଆସୁଛନ୍ତି । ଗତ ବର୍ଷ ତୁଳନାରେ ଚଳିତବର୍ଷ ମୋଓପିଡିକୁ ଆସିଥିବା ଯୁବରୋଗୀଙ୍କ ସଂଖ୍ୟାରେ ପ୍ରାୟ ୧୫ରୁ ୨୦% ବୃଦ୍ଧି ହୋଇଛି । ନିକଟରେ ମୁଁ ଜଣେ ଫାଇନାଲ ଇୟର ଇଞ୍ଜିନିୟରିଂ ଛାତ୍ର (୨୪ ବର୍ଷ)ଙ୍କର ଚିକିତ୍ସା କରିଥିଲି ଯିଏକି ଏକ ବଡ ହୃଦ୍‌ଘାତର ଶିକାର ହୋଇଥିଲେ । ତାଙ୍କ ହୃଦୟକୁ ପହଞ୍ଚିଥିବା କ୍ଷତିର ଆକଳନ କରିବା ପାଇଁ ହୋଇଥିବା ପରୀକ୍ଷଣ ପରେ ଜଣାପଡିଥିଲା ଯେ, ତାଙ୍କର ଏଲ୍‌ଡିଏଲ୍ ସ୍ତର ଯେପରିକି ଖରାପ କୋଲେଷ୍ଟ୍ରଲ ମାତ୍ରା ଅତ୍ୟଧିକ ବଢି ଯାଇଥିଲା । କିନ୍ତୁ ତାଙ୍କର ହୃଦ୍‌ରୋଗ କିମ୍ବା ଉଚ୍ଚ ରକ୍ତଚାପର କୌଣସି ପାରିବାରିକ ଇତିହାସ ନଥିଲା । ତେବେ ଖରାପ ଜୀବନଶୈଳୀ, କମ୍ ବ୍ୟାୟାମ, ଜଙ୍କ୍‌ଫୁଡ୍‌ର ଅଧିକସେବନ, ଚାପ ଆଦି କାରଣରୁ ତାଙ୍କୁ ଏହି ସମସ୍ୟା ଭୋଗିବାକୁ ପଡିଥିଲା । ଏକ ସନ୍ତୁଳିତ ଆହାର ଓ ନିୟମିତ ବ୍ୟାୟାମ ପାଇଁ ସବୁବେଳେ ପରାମର୍ଶ ଦିଆଯାଇଥାଏ । ବର୍ତ୍ତମାନ ସମୟରେ ଖରାପ କୋଲେଷ୍ଟ୍ରଲ ସ୍ତରକୁ କମ୍‌କରିବା ପାଇଁ ସବୁଠାରୁ ଭଲ ଔଷଧ ହେଉଛି ଷ୍ଟାଟିନ୍‌ଏବଂ ପର୍ଯ୍ୟାୟକ୍ରମେ ଜଣେ ବ୍ୟକ୍ତିଙ୍କଠାରେ ହୃଦ୍‌ଘାତଭଳି ହୃଦୟ ସମ୍ବନ୍ଧିତ ରୋଗ ଗୁଡିକର ବିପଦକୁ କମ୍ କରିଥାଏ ।

କିମ୍‌ସ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଏବଂ ଏସ୍‌ସିବି ମେଡିକାଲ କଲେଜର ହୃଦ୍‌ରୋଗ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଡଃ ହୃଦାନନ୍ଦ ମିଶ୍ର କହିଛନ୍ତି, ଖରାପ ଜୀବନଶୈଳୀ ଓ କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକଚାପ କାରଣରୁ ବର୍ତ୍ତମାନ ୩୦ରୁ ୪୦ ବର୍ଷ ବୟସର ଅଧିକାଂଶ ପୁରୁଷ ଓ ମହିଳାଙ୍କ ହୃଦ୍‌ରୋଗର ଶିକାର ହେଉଛନ୍ତି । ଚାପ ଶରୀରରେ ବ୍ଲଡ୍ କୋଲେଷ୍ଟ୍ରଲ ସହ ଟ୍ରିଗ୍ଲି ସେରାଇଡ୍‌ସ, ବ୍ଲଡ୍‌ସୁଗାର ଓ ରକ୍ତ ଚାପକୁ ବୃଦ୍ଧିକରିଥାଏ । ଏଗୁଡିକ ହେଉଛି ସାଧାରଣ ବିପଦପୂର୍ଣ୍ଣ କାରଣ ଯାହାକି ହୃଦ୍‌ରୋଗ ହେବା ସ୍ଥିତିରେ ଏକ ପ୍ରମୁଖ ଭୂମିକା ଗ୍ରହଣକରିଥାଆନ୍ତି । କୋଲେଷ୍ଟ୍ରଲ ସ୍ତର ଅଧିକ ଥିବା ଲୋକଙ୍କ ପାଇଁ ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରିବା ଅତ୍ୟନ୍ତ ଜରୁରୀ; ଯେଉଁଥିରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଓ ଦୈନିକ ବ୍ୟାୟାମ କରିବା ସାମିଲରହିଛି । ଏଥିସହିତ ଉଚ୍ଚ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣକରିବା ପାଇଁ ଷ୍ଟାଟିନ୍‌ସଭଳି ଔଷଧ ମଧ୍ୟ ଉପଲବ୍ଧ ରହିଛି ଯାହାକି ହୃଦ୍ ରୋଗର ଶିକାର ହୋଇଥିବା ରୋଗୀଙ୍କଠାରେ ବ୍ଲଡ୍ କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରିବାରେ ଖୁବ୍ ଫଳପ୍ରଦ ହୋଇଥାଏ ।




## କଟକରେ ନାବାଳକ ଟ୍ରାଫିକ ନିୟମ ଉଲ୍ଲଂଘନ କଲା
# ବାପାଙ୍କୁ କରା ଗଲା ଜୋରିମାନା

ଭୁବନେଶ୍ୱର,(ପିଏନ)- କଟକର ମଧୁପାଟଣା ଛକ ନିକଟରେ ଏକ ନାବାଳକ ପୁଅ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା କାରଣରୁ ତାଙ୍କ ବାପାଙ୍କୁ ପୋଲିସ ପକ୍ଷରୁ ଜୋରିମାନା କରା ଯାଇଥିବା ଜଣା ପଡିଛି ।
ମିଳିଥିବା ସୂଚନା ଅନୁସାରେ ନାବାଳକ ଜଣଙ୍କ ବିନା ହେଲମେଟରେ ଦୁଇ ଚକିଆ ବାହନ ଚଳାଉଥିଲା । ପରିବାର ଲୋକଙ୍କ କହିବା ଅନୁସାରେ ତାଙ୍କ ଘରେ ଅତିଥି ଆସି ଥିବା କାରଣରୁ ସେ ମିଠା ଆଣିବାକୁ ଆସିଥିଲା । ସଂପୃକ୍ତ ନାବାଳକ ଜଣଙ୍କ ବାହନ ଚଳାଉଥିବା ବେଳେ ମୋବାଇଲ ଫୋନରେ ମଧ୍ୟ କଥାବାର୍ତ୍ତା ହେଉଥିଲା । ତେଣୁ ପୋଲିସ ତାଙ୍କ ବାପାଙ୍କୁ ଡାକି ୬ ହଜାର ଟଙ୍କାର ଚାଲାଣ ପ୍ରଦାନ କରି ଥିବା ଜଣା ପଡିଛି ।
ଉଲ୍ଲେଖନୀୟ ଯେ କମିଶନରେଟ ପୋଲିସ ଆଗରୁ ଘୋଷଣା କରିଥିଲା ଯେ ଯଦି ନାବାଳକ ମାନେ ବାହନ ଚଳାଇବେ ତେବେ ତାଙ୍କର ଜୋରିମାନା ତାଙ୍କ ଅଭିଭାବକ ମାନଙ୍କ ଠାରୁ ଆଦାୟ କରା ଯିବ ।

## ଟ୍ରାଫିକ ନିୟମକୁ କଡା କଡି ପାଳନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ କଲେ ଅପିଲ
# ତିନି ମାସ ମଧ୍ୟରେ କାଗଜ ପତ୍ର କାମ ସାରନ୍ତୁ

ଭୁବନେଶ୍ୱର, (ପିଏନ)-ଟ୍ରାଫିକ ନିୟମକୁ ସମସ୍ତେ ପାଳନ କରନ୍ତୁ । ଯେଉଁ ମାନଙ୍କର ଆବଶ୍ୟକୀୟ କାଗଜପତ୍ର ନାହିଁ ସେମାନେ ତିନି ମାସ ମଧ୍ୟରେ ସମସ୍ତ କାଗଜ ପତ୍ର ପ୍ରସ୍ତୁତ କରାଇ ନିଅନ୍ତୁ ବୋଲି କହିଛନ୍ତି ରାଜ୍ୟର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ଶ୍ରୀ ବେହେରା କହିଛନ୍ତି ଯେ ଆଜି ଠାରୁ ଟ୍ରାଫିକ ନିୟମକୁ କଡା କଡି ଭାବେ ଲାଗୁ କରା ଯାଇଛି । ମଦ ପିଇ ଗାଡି ଚଳାଇବା, ଟ୍ରାଫିକ ନିୟମ ଭାଙ୍ଗିବା, ବିନା ହେଲମେଟ ଓ ସିଟ ବେଲ୍ଟରେ ଗାଡି ଚଳାଇବା ଆଦିକୁ ନେଇ ଧରପକଡ ଆରମ୍ଭ ହୋଇଛି । ତେଣୁ ସମସ୍ତେ ଟ୍ରାଫିକ ନିୟମ ପାଳନ କରନ୍ତୁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଯେଉଁ ଲୋକ ମାନେ ଲାଇସେନ୍ସ, ପ୍ରଦୂଷଣ ପ୍ରମାଣ ପତ୍ର ଆଦି ପାଇ ପାରି ନାହାନ୍ତି ସେମାନେ ତିନି ମାସ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ତିଆରି କରି ନିଅନ୍ତୁ । ଏଥି ପାଇଁ ସରକାର ତିନି ମାସ ସମୟ ପ୍ରଦାନ କରା ଯାଇଛି । ଏ ସମ୍ପର୍କରେ ଲୋକ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବା ପାଇଁ ବିଭାଗଓ ତତ୍ପର ରହିଛି ବୋଲି ସେ କହିଛନ୍ତି ।

# ଏଣିକି ପ୍ରବାସୀ ଚାଷୀ ମାନେ ଖରିଫ ଧାନ ବିକ୍ରୀ କରି ପାରିବେ

ଭୁବନେଶ୍ୱର,(ପିଏନ)- ଏଣିକି ପ୍ରବାସୀ ଚାଷୀ ମାନେ ଖରିଫ ଧାନ ବିକ୍ରୀ କରି ପାରିବେ । ଏଥି ନେଇ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ପକ୍ଷରୁ ଜିଲ୍ଲାପାଳ ଓ ସମବାୟ ସମିତିର ନିବନ୍ଧକ ମାନଙ୍କୁ ଚିଠି ଲେଖି ଜଣାଇ ଦିଆ ଯାଇଛି । ବିଭାଗୀୟ ଯୁଗ୍ମ ଶାସନ ସଚିବ ଲେଖିଥିବା ଏହି ଚିଠିରେ ପଂଜୀକୃତ ଚାଷୀ ମାନଙ୍କର ଅନୁପସ୍ଥିତିରେ ସେମାନଙ୍କର ପରିବାରର ମନୋନୀତ ସଭ୍ୟ ମାନଙ୍କ ମାଧ୍ୟମରେ ଧାନ ବିକ୍ରି କରା ଯାଇ ପାରିବ । ସଂପୃକ୍ତ ମନୋନୀତ ସଭ୍ୟ ମାନେ ନିର୍ଦ୍ଧାରିତ ଫର୍ମରେ ଏଥି ପାଇଁ ଆବେଦନ କରି ପାରିବେ । ଅନ୍ୟ ସ୍ଥାନରେ ରହୁଥିବା ଚାଷୀଙ୍କୁ ଧାନ ବିକ୍ରୀ କରିବାକୁ ସୁଯୋଗ ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରା ଯାଇଛି ।

# ପ୍ରିୟଙ୍କା ରେଡ୍ଡିଙ୍କ ପରିବାରକୁ ନ୍ୟାୟ ଦେବା ଦାବିରେ ଭୁବନେଶ୍ୱର ସମୂହ ତରଫରୁ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର,(ପିଏନ)- ତେଲେଙ୍ଗାନା ରାଜ୍ୟର ଡ଼ାକ୍ତର ପ୍ରିୟଙ୍କା ରେଡ୍ଡି ଗଣଦୁର୍ଷ୍କମ ଏବଂ ଜଘନ୍ୟ ହତ୍ୟା ଘଟଣାର ପ୍ରତିବାଦ ଏବଂ ପ୍ରିୟଙ୍କାଙ୍କ ପରିବାରକୁ ନ୍ୟାୟ ଦେବା ଦାବୀରେ ଭୁବନେଶ୍ୱର ସମୂହ ତରଫରୁ ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଘଟଣାକୁ କଠୋର ଭାବେ ନିନ୍ଦା କରି କୁହାଯାଇଛି ଯେ, ଏହି ବର୍ବର ଏବଂ ପାଶବିକ କାଣ୍ଡ ପାଇଁ ତେଲେଙ୍ଗାନା ସରକାର ନୈତିକ ଦାୟିତ୍ୱ ଗ୍ରହଣ କରୁ, ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରୁ ଏବଂ ଏହିଭଳି ବିଭତ୍ସ ଘଟଣା ନ ହେବା ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରମାନେ ମହିଳାମାନଙ୍କ ନିରାପତା ପାଇଁ ସ୍ୱତନ୍ତ୍ର ଭାବେ ଯୋଜନା ଗ୍ରହଣ କରନ୍ତୁ । ନିକଟରେ ଓଡ଼ିଶାରେ ସ୍ମିତାରାଣୀଙ୍କ ମୃତ୍ୟୁ ଜନିତ ରହସ୍ୟ, ହତ୍ୟା କିମ୍ବା କେଉଁ ପରିସ୍ଥିତିରେ କାହିଁକି ଆତ୍ମହତ୍ୟା, କୁନ୍ଦୁଲି ପୀଡ଼ିତା, ଇତିଶ୍ରୀ ମାମଲା, ବେବିନା ହତ୍ୟା ଇତ୍ୟାଦିରେ ପୀଡ଼ିତାମାନଙ୍କ ପରିବାରକୁ ଅଦ୍ୟାବଧି ନ୍ୟାୟ ମିଳିପାରି ନାହିଁ । କାଟଓ୍ୱା, ଉନା ଗଣଦୁର୍ଷ୍କମ ଅତି ଗମ୍ଭୀର ପରିସ୍ଥିତିକୁ ଇଙ୍ଗିତ କରୁଛି । ନିର୍ଭୟା ଘଟଣା ପରେ ବର୍ମା କମିଶନ ସୁପାରିଶ ସବୁ କିଛି ଚର୍ଚ୍ଚାରେ ରହିଛି । ବାସ୍ତବ କ୍ଷେତ୍ରରେ ମହିଳାମାନେ ନ୍ୟାୟ ପାଉନାହାଁନ୍ତି, ବରଂ ମହିଳାମାନଙ୍କ ଉପରେ ହିଂସା ଏବଂ ଅପରାଧ ବଢୁଛି । ସମାଜରେ ବସା ବାନ୍ଧିଥିବା ଉଗ୍ର ଅସାମାଜିକ ପରିସ୍ଥିତି ବିରୋଧରେ ସମଗ୍ର ସମାଜ ଲଢିବା ପାଇଁ ପରିସ୍ଥିତିର ଆହ୍ୱାନ । ମାତ୍ର ଦେଶ ଓ ରାଜ୍ୟରେ ସରକାର ଚଳାଉଥିବା ଶାସକ, ପ୍ରଶାସନ ଏବଂ ପୁଲିସ୍ ବ୍ୟବସ୍ଥା ନିଜର ନୈତିକ, ଆଇନ୍‌ଗତ ଏବଂ ସାମ୍ବିଧାନିକ ଦାୟିତ୍ୱକୁ ଏଡ଼ାଇ ଦେଲେ ଚଳିବ ନାହିଁ । ପ୍ରିୟଙ୍କା ଘଟଣାରେ ତେଲେଙ୍ଗାନା ସରକାର ଏବଂ ସ୍ମିତାରାଣୀ ଘଟଣାରେ ଓଡ଼ିଶା ସରକାର ଦେଶବାସୀଙ୍କ ପାଖରେ ଜବାବ ରଖିବା ପାଇଁ ଭୁବନେଶ୍ୱର ସମୂହ ଦାବୀ କରିଛି । ମହିଳାମାନଙ୍କ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କେହି ବି ରାଜନୀତି କରିବା ଉଚିତ୍ ନୁହେଁ । କିନ୍ତୁ ନିର୍ବାଚିତ ସରକାରମାନେ ନିଜର ସାମ୍ବିଧାନିକ ଦାୟିତ୍ୱ ପାଳନ କରିବା ପାଇଁ ଦାବୀ କରାଯାଇଛି ।
ଭୁବନେଶ୍ୱର ସମୂହ ତରଫରୁ ଏହି ବିକ୍ଷୋଭରେ ବିଶିଷ୍ଟ ସମାଜକର୍ମୀ ରାଜନୈତିକ କର୍ମୀ, ମହିଳା ସଂଗଠକ ଏବଂ ସ୍ତମ୍ଭକାରମାନେ ଯୋଗ ଦେଇଥିଲେ । ଦେବ ପ୍ରସାଦ ରାୟ ମହାପାତ୍ର, ସୁଦର୍ଶନ ଦାସ, ସୁଜାତା ସାହାଣୀ, ଅରୁଣ ଦିହୁଡ଼ି, ପ୍ରଦୀପ୍ତ ନାୟକ, ଶାନ୍ତି ମୁର୍ମୁ, ପ୍ରଭାତ ପାଣିଗ୍ରାହୀ, ରାମଚନ୍ଦ୍ର ତ୍ରିପାଠୀ, ସାଲ ମାର୍ଣ୍ଡି, ଜୟଦେବ ନାୟକ, ଚାମ୍ପୁରୁ ସୋରେନ, ଜୟପ୍ରକାଶ ଭଞ୍ଜଦେଓ, ରବୀନ୍ଦ୍ର ଟୁଡ୍ଡୁ, ସୁଶାନ୍ତ ମହାକୁଡ଼, ଶିବ ସୋରେନ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ପ୍ରତିବାଦରେ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଭୁବନେଶ୍ୱର ସମୂହର ଆବାହକ ସୁରେଶ ପାଣିଗ୍ରାହୀ ବିକ୍ଷୋଭକୁ ପରିଚାଳନା କରିଥିଲେ ।

## କୋଣାର୍କ ଉତ୍ସବ-୨୦୧୯ ଉଦ୍‌ଘାଟିତ
# ଶାସ୍ତ୍ରୀୟ ଓଡିଶୀ ଓ କଥକରେ ନୃତ୍ୟମୁଖର କୋଣାର୍କ ମୁକ୍ତାକାଶ ମଞ୍ଚ

ଭୁବନେଶ୍ୱର,(ପିଏନ)-ଅର୍କ କ୍ଷେତ୍ର କୋଣାର୍କର ପାଦଦେଶରେ ଥିବା ଭବ୍ୟ ମୁକ୍ତାକାଶ ମଂଚରେ ପର୍ଯ୍ୟଟନ ବିଭାଗ ଓଡିଶା ଆୟୋଜିତ କୋଣାର୍କ ଉତ୍ସବର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି । ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ସଚିବ ବିଶାଳ କୁମାର ଦେବ୍, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ, ଜିଲ୍ଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ?ଦଲେଇ, ପୁରୀ ଜିଲ୍ଲାପାଳ ବଲଓ୍ୱନ୍ତ ସିଂ ଓ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ଦାଶ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବରେ ଶୁଭାରମ୍ଭ କରିଥିଲେ । ପରେ ପରେ ଶାସ୍ତ୍ରୀୟ ନୃତ୍ୟକୁ ମଚଂସ୍ଥ କରିଥିଲେ ଓଡିଶୀ ଓ କଥକର ଶିଳ୍ପୀ ।ପ୍ରଥମ ପ୍ରସ୍ତୁତିରେ ସୃଜନର ଶିଳ୍ପୀମାନେ ମଂଚସ୍ଥ କରିଥିଲେ । 'ବନ୍ଦେ ସୂର୍ଯ୍ୟମ୍' । ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରଚନା ଓ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଶିଳ୍ପୀଗଣ ଆଦିତ୍ୟ ନାରାୟଣଙ୍କ ଅର୍ଚ୍ଚନା କରିବା ପରେ ହଂସଧ୍ୱନୀ ପଲ୍ଲବୀ ଶୁଦ୍ଧ ନୃତ୍ୟକୁ ବାଢି ଦେଇଥିଲେ । ଏହାପରେ



ଶକ୍ତିଙ୍କ ବିବିଧ ସ୍ୱରୂପକୁ ନେଇ ପ୍ରସ୍ତୁତି ହୋଇଥିଲା ଭଗବତୀ ସ୍ତୋତ୍ରମ । ସୃଜନର ଅନ୍ତିମ ପ୍ରସ୍ତୁତିରେ ରହିଥିଲା ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ବନ୍ଦେ ମାତରମ୍' । ଦ୍ୱିତୀୟ ଚରଣରେ ସୁପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ସମା ଭଟ୍ଟେ 'ସୂର୍ଯ୍ୟ ବନ୍ଦନା' ପ୍ରସ୍ତୁତ କରିଥିବା ବେଳେ ତାଳ-ରୂପକ ଆଧାରିତ ଶୁଦ୍ଧ ନୃତ୍ୟକୁ ବାଢି ଦେଇଥିଲେ । ପରବର୍ତ୍ତି ନିବେଦନରେ କାଳୀୟ ମର୍ଦ୍ଦନ କୁ ଉପସ୍ଥାପନ କରିଥିଲେ କଥକ ନୃତ୍ୟାଙ୍ଗନା । ତିନ୍‌ତାଲ୍ ଆଧାରିତ ଦୃତ୍‌ଲୟ ର ଅଭିନୟ ସହ । ଚତୁରଂଗ ର ଶୁଦ୍ଧରୂପକୁ ନୃତ୍ୟ ଛନ୍ଦରେ ତୋଳି ଧରିଥିଲେ ଶିଳ୍ପୀଗଣ । ଡ. ସାଧନା ଶୀବାସ୍ତବ ଓ ଅଧ୍ୟାପକ ଡ. ମୃତ୍ୟୁଂଜୟ ରଥ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବା ବେଳେ ଡ. ସଂଗୀତା ଗୋସାଇଁ ଓ ପର୍ଯ୍ୟଟନ ଅଧିକାରୀ ଗଣ ପରିଚାଳନାରେ ସହାୟତା କରିଥିଲେ ।

# ହାରିବା ଭୟରେ ବନ୍ଧୁକ ଧରି ଆଦିବାସୀଙ୍କ ହକ୍‌କୁ ଛଡାଇବା ପାଇଁ ଚାହୁଁଛି କଂଗ୍ରେସ : ଧର୍ମେନ୍ଦ୍ର

ରାଂଚି, ଭୁବନେଶ୍ୱର(ପିଏନ)- ହାରିବା ଭୟରେ ବିଜେପିର ପ୍ରତିପକ୍ଷ କଂଗ୍ରେସ ଓ ଜେଏମଏମ ବନ୍ଧୁକ ଧରି ଝାଡଖଣ୍ଡବାସୀଙ୍କ ମନରେ ଭୟ ତିଆରି କରିବାର ମଙ୍ଗ ଧରିଛନ୍ତି । ବନ୍ଧୁକ ଧରି ଆଦିବାସୀଙ୍କ ଅଧିକାରକୁ ଛଡାଇବା ପାଇଁ ଚାହୁଁଛନ୍ତି । ଏମାନେ ଆଦିବାସୀଙ୍କ ସେବା କରିବା ପାଇଁ କ୍ଷମତାକୁ ଆସିବାକୁ ଚାହୁଁନାହାନ୍ତି ବରଂ ଗୋଟିଏ ପରିବାରର ସେବା କରିବା ପାଇଁ କ୍ଷମତା ପ୍ରାପ୍ତ କରିବା ପାଇଁ ଚାହୁଁଛନ୍ତି । କଂଗ୍ରେସ ସରକାର ଝାଡଖଣ୍ଡରେ ଦୁର୍ନୀତି କରି ଜନତାଙ୍କୁ ଲୁଟ କରିବା ସହ କିଛି ଦେଇନାହିଁ ବୋଲି ରବିବାର ଝାଡଖଣ୍ଡର ଓଡିଆ ଭାଷାଭାଷୀ ଅଂଚଳ ମୋନହରପୁର, ଖରସୁଆଁ ଏବଂ ମଜଗାଓଁରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପି ପାଇଁ ବୁଲେଟ୍ ନୁହଁ, ବାଲଟର ଲଢେଇ । ଝାଡଖଣ୍ଡରେ ବିର୍ସା ମୁଣ୍ଡା ଗରିବ ତଥା ଆଦିବାସୀଙ୍କ ଅଧିକାର ପାଇଁ ଇଂରେଜ ବିରୋଧରେ ଲଢିଥିଲେ । ଅନ୍ୟପକ୍ଷେ ନକ୍ସଲଙ୍କ ବିରୋଧ ପରେ ମଧ୍ୟ ଝାଡଖଣ୍ଡରେ ଭୋଟଦାନ ଉତ୍ସାହ ଜନକ ରହିଛି । ଗରିବ ଆଦିବାସୀ, ଦଳିତ, ମହିଳା, ଯୁବ ସମୂହ ମାନଙ୍କରେ ଭାରତୀୟ ଜନତା ପାର୍ଟି ପ୍ରତି ଅତୁଟ ଭରସା ରହିଛି । ଅସ୍ଥିର ସରକାର ହେବା ଦ୍ୱାରା ଗରିବଙ୍କ କ୍ଷତି ହୁଏ । ଦେଶକୁ ସ୍ଥିର ସରକାରର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।
କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଝାଡଖଣ୍ଡରେ ଲମ୍ବା ସମୟ ଧରି ଅସ୍ଥିର ସରକାର ଥିଲା । କଂଗ୍ରେସ ଶାସନ ସମୟରେ ଦଶନ୍ଧି ଦଶନ୍ଧି ଧରି ଝାଡଖଣ୍ଡରେ ବସବାସ କରୁଥିବା ଗରିବ ଆଦିବାସୀ, ପଛୁଆ ବର୍ଗର ଲୋକଙ୍କ ଟଙ୍କାକୁ ଲୁଟ କରାଯାଉଥିଲା । ମାତ୍ର ମୋଦି ସରକାର ଜନଜାତିଙ୍କ ବିକାଶକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଏତଦବ୍ୟତିତ ଗତ ୫ ବର୍ଷରେ କଂଗ୍ରେସ ସରକାର ଓ ମୋଦି ସରକାରରେ ଝାଡଖଣ୍ଡରେ ହୋଇଥିବା ବିକାଶର ସୂଚନା ପ୍ରଦାନ କରିଥିଲେ ଶ୍ରୀ ପ୍ରଧାନ ।
ସେ କହିଛନ୍ତି ଯେ କଂଗ୍ରେସ ଶାସନ ସମୟରେ ଅର୍ଥ କମିଶନରେ ଝାଡଖଣ୍ଡ ରାଜ୍ୟକୁ ଅନୁଦାନ ଆକାରରେ ମୋଟ ୫୫ ହଜାର ୨୫୩ କୋଟି ଟଙ୍କା ମିଳିଥିଲା । ମାତ୍ର ଦେଶରେ ମୋଦି ସରକାର ହେବା ପରେ ଚତୁର୍ଦ୍ଦଶ ଅର୍ଥ କମିଶନରେ ଝାଡଖଣ୍ଡ ରାଜ୍ୟକୁ ୧



ଲକ୍ଷ ୪୩ ହଜାର ୩୪୫ କୋଟି ଟଙ୍କା ଦିଆଯାଇଛି । ଯେଉଁମାନେ ଝାଡଖଣ୍ଡକୁ ଲୁଟୁଥିଲେ ସେମାନେ ୫୫ ହଜାର ୨୫୩ କୋଟି ଟଙ୍କା ଦେଇଥିଲା ବେଳେ ଏହା ତୁଳନାରେ ମୋଦି ପାଖାପାଖି ୮୮ ହଜାର କୋଟି ଟଙ୍କା ଅଧିକ ଅର୍ଥ ଝାଡଖଣ୍ଡର ସମଗ୍ର ବିକାଶ ପାଇଁ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ୫ ବର୍ଷରେ ବିଜେପି ସରକାରରେ ଝାଡଖଣ୍ଡର ବିକାଶରେ ଅଭୁତପୂର୍ବ ପରିବର୍ତନ ହୋଇଛି । ଗତ ୫ ବର୍ଷରେ ବିଜେପି ସରକାରରେ ଝାଡଖଣ୍ଡରେ ମୁଦ୍ରା ଯୋଜନାରେ ୩୧ ଲକ୍ଷ ଲାଭାର୍ଥୀଙ୍କୁ ୧୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୧ କୋଟି ୨୬ ଲକ୍ଷ ଲୋକଙ୍କର ବ୍ୟାଙ୍କ ଖାତା ଖୋଲାଯାଇଛି । ସେହିପରି ୧୫ ଲକ୍ଷ ଘରକୁ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ ଦିଆଯାଇଛି, ୪୦ ଲକ୍ଷ ଶୌଚାଳୟ ନିର୍ମାଣ ହୋଇଛି, ଉଜ୍ଜାଲା ଯୋଜନାରେ ୧ କୋଟି ୩୫ ଲକ୍ଷ ଏଲଇଡି ବଲ୍ ବଂଟାଯାଇଛି, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ୩୨ ଲକ୍ଷ ଗରିବ ମା ଭଉଣୀଙ୍କ ଘରେ ମାଗଣା ଏଲପିଜି ସଂଯୋଗ ଦିଆଯାଇଛି । ଝାଡଖଣ୍ଡ ସରକାର କିଛି ଘରେ ଦୁଇଟି ଏଲପିଜି ସିଲିଣ୍ଡର ମଧ୍ୟ ଉପଲବ୍ଧ କରାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆଦିବାସୀଙ୍କ ବିକାଶ ତଥା ସେମାନଙ୍କର ରୋଜଗାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ଖୁବ ବନଜାତ ଦ୍ରବ୍ୟରୁ ପେଟ୍ରୋଲ ଓ ଡିଜେଲ ବାହାର କରିବାର ଯୋଜନା କରିଛନ୍ତି । ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରି କହିଛନ୍ତି ଯେ ଭୟ ଆତଙ୍କ ସୃଷ୍ଟି କରୁଥିବା ସରକାର ଗଢିବା ଦରକାର ନା ବିକାଶ କରୁଥିବା ସରକାର ଦରକାର । ଝାଡଖଣ୍ଡର ଯୁବକଙ୍କ ରୋଜଗାର, ମା ଭଉଣୀଙ୍କ ସୁରକ୍ଷା, ଜନଜାତିଙ୍କ ସ୍ୱାଭିମାନ ପାଇଁ ମୋଦିଙ୍କ ହାତମୁଠାକୁ ଟାଣ କରିବାର ଆବଶ୍ୟକତା ରହିଛି । ତେଣୁ ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

# ପଓ୍ୱନ ମୁଞ୍ଜାଲଙ୍କୁ ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସମ୍ମାନ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲି଼ର ଅଧକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପଓ୍ୱନ ମୁଞ୍ଜାଲଙ୍କୁ ଗଲ୍ଫ ଖେଳର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନ ଜନକ ଏସିଆ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନୀତ କରାଯଇଛି ।ବାହାମାସ୍ ସ୍ଥିତ ଆଲବାନିଠାରେ ହିରୋ ଓ୍ୱାଲ୍ଡ ଚ୍ୟାଲେଞ୍ଜ୍ ଅବସରରେ ଟାଇଗର ଉଡସ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ୍ ସେଠାରେ ଯୋଗଦେଇଥିଲେ । ଏହି ସମ୍ମାନ ପ୍ରଦାନ ଉତ୍ସବରେ ଗଲ୍ଫର ଜ୍ୟାକ୍ ନିକ୍‌ଲାସ୍, ଗ୍ରେ ପ୍ଲୋୟାର, ଡ. ଡେଭିଡ୍ ଟୁ ପ୍ରମୁଖ ଉପସ୍ଥିତ ଥିଲେ ।ଗତ ୨୦ ବର୍ଷରୁ ଅଧିକ ସମୟ ଧରି ମୁଞ୍ଜାଲ୍ ଗଲ୍ଫର ବିକାଶ ପାଇଁ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି । ତାଙ୍କର ଏଭଳି ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି ।ଏହି ଅବସରରେ ଏସିଆନ୍ ଗଲ୍ଫ ହଲ୍ ଅଫ୍ ଫେମ୍ ମାଲିକ ତଥା ଏସିଆ ପାସିଫିକ୍ ଗଲ୍ଫ ଗ୍ରୁପ୍ ର ସିଇଓ ମାଇକ୍ ସେବାଷ୍ଟିଆନ୍ କହିଲେ, ପଓ୍ୱନ ମୁଞ୍ଜାଲ୍ ଗଲ୍ଫ ର ବିକାଶ ପାଇଁ ବହୁ କାର୍ଯ୍ୟ କରିଛନ୍ତି । ବିଶ୍ୱ ସ୍ତରରେ ଗଲ୍ଫକୁ ପରିଚିତି ପାଇଁ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ସେ ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ମଧ ବହୁ କାର୍ଯ୍ୟ ସମ୍ପାଦିତ କରିଛନ୍ତି ।

# ଆରଏଚଆଇ ମ୍ୟାଗ୍ନେସିଟା ପକ୍ଷରୁ କଟକ କାରଖାନାରେ ପରୀକ୍ଷାମୂଳକ ଉତ୍ପାଦନର ଶୁଭାରମ୍ଭ

ଭୁବନେଶ୍ୱର: ରିଫ୍ରାକ୍ଟରି ଉତ୍ପାଦ, ବ୍ୟବସ୍ଥା ଓ ସେବାର ବିଶ୍ୱ ସ୍ତରୀୟ ଯୋଗାଣକାରୀ ସଂସ୍ଥା ଆରଏଚଆଇ ମ୍ୟାଗ୍ନେସିଟା ପକ୍ଷରୁ ଓଡ଼ିଶାର କଟକ ଜିଲ୍ଲାର ଟାଙ୍ଗି ନିକଟରେ ନୂତନ ଭାବେ ଅଧିଗ୍ରହଣ କରାଯାଇଥିବା କାରଖାନାରେ ଆଜି ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ କରାଯାଇଛି । ଆରଏଚଆଇ ମ୍ୟାଗ୍ନେସିଟାର ସିଇଓ, ଷ୍ଟେଫାନ ବୋରଗାସ୍‌ଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ କାରଖାନାରେ ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ କରାଯାଇଛି । ଓଡ଼ିଶା ରାଜ୍ୟରେ ଏହି ବିଶ୍ୱ ସ୍ତରୀୟ ରିଫ୍ରାକ୍ଟରି ନିର୍ମାଣକାରୀ ସଂସ୍ଥାର ଏହା ପ୍ରଥମ କାରଖାନା ଏବଂ ଭାରତରେ ଏହା ହେଉଛି କଂପାନିର ପ୍ରଥମ ମ୍ୟାଗ୍ନେସିଆ କାର୍ବନ ଇଟା ଉତ୍ପାଦନକାରୀ କାରଖାନା ।
"କଟକ କାରଖାନାରେ ଉତ୍ପାଦନର ଶୁଭାରମ୍ଭକୁ ନେଇ ମୁଁ ବହୁତ ଗର୍ବିତ । ଭାରତ ସରକାରଙ୍କ ତରଫରୁ ଡାକରା ଦିଆଯାଇଥିବା "ମେକ୍ ଇନ୍ ଇଣ୍ଡିଆ' ପ୍ରତି ଆମ ଆଗ୍ରହର ଫଳ ହେଉଛି ଏହି କାରଖାନା । ଏହି ନୂଆ କାରଖାନା ଅଧିକ ମୂଲ୍ୟଯୁକ୍ତ, ମାନୁଫାକଚରିଂ ଗଭୀରତା, ଉତ୍ତମ ଗୁଣର ଉତ୍ପାଦ ଏବଂ ବିଶ୍ୱ ସ୍ତରୀୟ ପ୍ରଯୁକ୍ତି ଆମ




ଭାରତୀୟ ଗ୍ରାହକଙ୍କ ପାଇଁ ଆଣିବ ବୋଲି ଷ୍ଟେଫାନ ବୋରଗାସ୍, ସିଇଓ, ଆରଏଚଆଇ ମ୍ୟାଗ୍ନେସିଟା କହିଛନ୍ତି । ମନିଶ୍ରୀ ରିଫ୍ରାକ୍ଟରିଜ୍ ଆଣ୍ଡ୍ ସେରାମିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ମନିଶ୍ରୀ) ଠାରୁ ଚଳିତ ବର୍ଷ ଅଗଷ୍ଟରେ ଆରଏଚଆଇ ମ୍ୟାଗ୍ନେସିଟା (ଆରଏଚଆଇଏମ) ଏହି କାରଖାନାକୁ ଅଧିଗ୍ରହଣ କରିଥିଲା । ଆରଏଚଆଇଏମର ଭାରତରେ ଥିବା ପବ୍ଲିକ ଲିଷ୍ଟେଡ୍ ସହଯୋଗୀ କଂପାନି ଓରିଏଂଟ୍ ରିଫ୍ରାକ୍ଟରିଜ୍ ଲିମିଟେଡ୍ ଜରିଆରେ ଏହି କାରଖାନା ସହିତ ଜମି, ମେସିନ, ଉପକରଣକୁ ୫.୫ ନିୟୁତ ୟୁରୋ (୪୫ କୋଟି ଟଙ୍କା)ରେ କିଣିବା ଲାଗି ମନିଶ୍ରୀ ସହିତ ସଂପତି କିଣା ବୁଝାମଣା ସ୍ୱାକ୍ଷର କରାଯାଇଥିଲା । ପରୀକ୍ଷାମୂଳକ ଉତ୍ପାଦନ ସଫଳ ହେବା ପରେ ଖୁବ୍‌ଶୀଘ୍ର ଏହି କାରଖାନାରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବ ।
"କଟକ କାରଖାନାକୁ ଆମର ଭାରତରେ ଥିବା ମାନୁଫାକ୍‌ଚରିଂ ନେଟଓ୍ୱର୍କ ସହିତ ଯୋଡ଼ି କରି ଦେଖାଯିବ । ଏହା ଆମର ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ) ଓ ଭିବାଡ଼ି (ରାଜସ୍ଥାନ) କାରଖାନାର ନେଟ୍‌ଓ୍ୱର୍କ ସହିତ ପରିଚାଳିତ ହେବ । ଏହି ନେଟ୍‌ଓ୍ୱର୍କକୁ ସମର୍ଥନ ପ୍ରଦାନ କରିବ ଏକ ଷ୍ଟେଟ ଅଫ ଆର୍ଟ ଆରଆଣ୍ଡଟି ସେଂଟର ଯାହାକୁ ଏବେ ଭିବାଣ୍ଡି ଠାରେ ନିର୍ମାଣ କରାଯାଉଛି ।'' ବୋଲି ଶ୍ରୀ ବୋରଗାସ୍ କହିଛନ୍ତି ।ଏହି ଅବସରରେ ପ୍ରମୋଦ ସାଗର, ସିଇଓ, ଆରଏଚଆଇ ମ୍ୟାଗ୍ନେସିଟାର ଭାରତୀୟ କାରବାର, କହିଛନ୍ତି ଯେ, "ଭାରତରେ ଆମର ସ୍ୱଳ୍ପ ମିଆଦୀ ଓ ଦୀର୍ଘମିଆଦୀ ରଣନୀତି ସହିତ ଏହି କାରଖାନା ସଠିକ୍ ଭାବେ ଖାପଖାଉଛି । ଏହି କାରାଖାନା ମ୍ୟାଗ୍ନେସିଆ କାର୍ବନ ଇଟା ଉତ୍ପାଦନ କରିବ ଯାହା ପାଇଁ ଭାରତୀୟ ବଜାରରେ ବିପୁଳ ସୁଯୋଗ ରହିଛି ଏବଂ ଆଜି ପର୍ଯ୍ୟନ୍ତ ଆମ ପାଖରେ କୌଣସି ସ୍ଥାନୀୟ ଯୋଗାଣ ଉତ୍ସ ନାହିଁ । ଏହି କାରଖାନା ସେହି କ୍ଷେତ୍ରରେ ପହଂଚିବ ଏବଂ ଭାରତରେ ଆମର ଉପସ୍ଥିତିକୁ ଆହୁରି ସଂପ୍ରସାରିତ କରିବ ।''ଆରଏଚଆଇଏମର ଭାରତୀୟ କାରବାର ବିଭାଗ ଏହି କାରଖାନାକୁ ସ୍ଥାନୀୟ ଓ କିଛି ରପ୍ତାନି ବଜାର ନିମନ୍ତେ ମ୍ୟାଗ୍ନେସିଆ କାର୍ବନ ଇଟା ଉତ୍ପାଦନ କରିବାକୁ ବ୍ୟବହାର କରିବ ।

# ରେନୋ ପକ୍ଷରୁ ୧୦,୦୦୦ ତମ ଟ୍ରାଇବର ପ୍ରଦାନ

ମୁମ୍ବାଇ/ ଭୁବନେଶ୍ୱର(ପିଏନ)- : ରେନୋ, ଭାରତର ୧ ନମ୍ବର ୟୁରୋପିଆନ୍ ବ୍ରାଣ୍ଡ, ଏହାର ଶୁଭାରମ୍ଭର ମାତ୍ର ଦୁଇ ମାସ ମଧରେ ୧୦୦୦୧ତମ ଟ୍ରାଇବର କାରର ଡେଲିଭରି କରିଛି । ଏହି ଡେଲିଭରିକୁ କମ୍ପାନୀର ମୁମ୍ବାଇ ଡିଲରସିପ୍ ବେଂଚମାର୍କ ମୋଟର୍ସରେ କରାଯାଇଛି । ଭାରତରେ ଆହ୍ୱାନମୂଳକ ମାକ୍ରୋ-ଇକୋନୋମିକ୍ ପରିବେଶ ସତ୍ୱେ ରେନୋ ଟ୍ରାଇବର ଏହାର ପ୍ରଗତିକୁ ସୁନିଶ୍ଚିତ କରିପାରିଛି । ଅକ୍ଟୋବର ୨୦୧୯ରେ କମ୍ପାନୀ ୧୧,୫୧୬ଟି କାର୍ ବିକ୍ରୟ କରିଛି ଓ ଗତ ବର୍ଷ ତୁଳନାରେ ୬୩% ର ବୃଦ୍ଧି ହାସଲ କରିପାରିଛି ।
ରେନୋ ଟ୍ରାଇବର ହେଉଛି ଏକ ଆକର୍ଷଣୀୟ ଡିଜାଇନ୍‌ଯୁକ୍ତ, ସ୍ପେସିୟସ ଓ ମଡ୍ୟୁଲାର ଗାଡ଼ି ଯେଉଁଥିରେ ୪ ମିଟର ମଧରେ ଏକରୁ ସାତ ଜଣ ବୟସ୍କ ଲୋକ ଅତ୍ୟନ୍ତ ଆରାମରେ ବସି ପାରିବେ । କାର କ୍ରେତାମାନଙ୍କ ମଧରେ ଏହା ବହୁତ ଲୋକପ୍ରିୟ ହୋଇପାରିଛି ଓ ରେନୋ ଟ୍ରାଇବରର ଏହି ଗାଡ଼ିରେ ସେମାନେ ସମସ୍ତ ପ୍ରକାର ସୁବିଧାର ଲାଭ ଉଠାଇ ପାରୁଛନ୍ତି ।
ଚଳିତ ପାର୍ବଣ ଋତୁରେ ରେନୋ ଇଣ୍ଡିଆ ଏକ ଉତ୍କୃଷ୍ଟ ଶୁଭାରମ୍ଭ କରିପାରିଛି ଓ ଆମେ ଏଥିପାଇଁ ଆମର ଗ୍ରାହକମାନଙ୍କ ନିକଟରେ କୃତଜ୍ଞ ଯେଉଁମାନେ ରେନୋ ଟ୍ରାଇବରଙ୍କୁ ଅସୀମ ଭଲ ପାଇବା ପ୍ରଦାନ କରିଛନ୍ତି । ଆମେ ୧୦୦୦୦ କାର୍ ର ଡେଲିଭରି କରିସାରିଛୁ ଓ ଆହୁରି ଅନେକ ବୁକିଂ ମଧ ରହିଛି । ଉତ୍ପାଦନକୁ ତ୍ୱରାନ୍ୱିତ କରିବା ପାଇଁ ଆମେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରୁଛୁ ଯଦ୍ୱାରା ସଠିକ ସମୟରେ ଡେଲିଭରି ପ୍ରଦାନ କରାଯାଇପାରିବ । ମେଟ୍ରୋ ସହରମାନଙ୍କରେ ତଥା ଗ୍ରାମୀଣ ମାର୍କେଟ୍‌ରେ ମଧ ରେନୋ ଟ୍ରାଇବରକୁ ବ୍ୟାପକ ଭାବରେ ଆଦୃତି ମିଳିପାରିଛି ଓ ଆମେ ଏଠାରେ ଆମର ସ୍ଥିତିକୁ ମଜ୍‌ବୁତ୍ କରିବା ପାଇଁ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରୁଛୁ ବୋଲି କହିଛନ୍ତି ଭେଙ୍କଟରାମ ମାମିଲାପାଲ୍ଲେ, କଂଟ୍ରି ସିଇଓ ଓ ମ୍ୟାନେଜିଂ ଡାଇରେକ୍ଟର, ରେନୋ ଇଣ୍ଡିଆ ଅପରେସନ୍‌ସ
ଟ୍ରାଇବର ସହିତ ରେନୋ ଆଉ ଏକ କାରକୁ ସଫଳତା ପୂର୍ବକ ଭାରତୀୟ ବଜାରରେ ଉପସ୍ଥାପିତ କରିପାରିଛି । ରେନୋ ଟ୍ରାଇବର ନିଶ୍ଚିତ ରୂପେ ଏକ ଗେମ୍-ଚେଞ୍ଜର ଯାହାର ପରିକଳ୍ପନା, ବିକାଶ ଓ ଉତ୍ପାଦନ ଭାରତରେ କେବଳ ଭାରତୀୟ ଗ୍ରାହକମାନଙ୍କ ପାଇଁ କରାଯାଇଛି ।

# କଗ୍ନିଏବଲ ଏବଂ ବ୍ରେନ୍ ଟ୍ରି ପକ୍ଷରୁ "ଅର୍ଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍ ଅର୍ଡର ଓ ଏବିଏ ଇନ୍ଟରଭେନସନ୍" କର୍ମଶାଳା

ଭୁବନେଶ୍ୱର: ସ୍ଥାନୀୟ କିମ୍ସ ଅଡିଟୋରିୟମ୍‌ଠାରେ ଅର୍ଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍‌ଅର୍ଡର ଓ ଏବିଏ ଇନ୍ଟରଭେନସନ୍ ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଛି । ୧୦୦ରୁ ଉର୍ଦ୍ଧ୍ୱ ସ୍କୁଲ ଛାତ୍ରଛାତ୍ରୀ, ଅଭିଭାବକ, ଚିକିତ୍ସକ, ଏବଂ ରିହାବିଲିଟେସନ୍ ପ୍ରଫେସନାଲ ଉପସ୍ଥିତିରେ ବିଶ୍ୱର ସ୍ୱନାମଧନ୍ୟ ବିଶେଷଜ୍ଞ ଡ଼ଃ ଜୋସୁଆ କେ ପ୍ରିଟ୍‌କାର୍ଡ, କଗନିଏବ୍‌ଲ୍‌ର ପ୍ରତିଷ୍ଠାତା ମନୁ କୋହଲୀ, ପେଡିଆଟ୍ରିକ୍ ବିଶେଷଜ୍ଞ ଦେବାଶିଷ ପାଣିଗ୍ରାହୀ ଆଦି ଯୋଗ ଦେଇ ଅର୍ଟିଜିମ୍‌ର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।
ଦି ବ୍ରେନ୍ ଟ୍ରି ଏବଂ କଗନିଏବଲ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଅର୍ଟିଜିମ୍‌ର ପ୍ରଥମରୁ ଡାଇଗ୍ନୋସିସ୍ ଉପରେ ଜୋର ଦିଆଯାଇଥିଲା ଯାହାକି ଶିଶୁର ରିହାବିଲିଟେସନ୍ ପ୍ରକ୍ରିୟାର ଏକ ମୁଖ୍ୟ ସୋପାନ ଆପ୍ଲାଏଡ୍ ବିହେଭିୟର ଆନାଲିସିସ୍(ଏବିଏ) ପରି ଏଭିଡେନସ୍ ବେସଡ ଥେରାପି ଶିଶୁମାନଙ୍କ ପାଖରେ ଖୁବ୍ ଚମତ୍କାର ଫଳ ପ୍ରଦାନ କରିଛି । କିନ୍ତୁ ଭାରତରେ ଏହି ଥେରାପୀ ଖୁବ୍ ଖର୍ଚ୍ଚଦାୟକ ତେଣୁ କଗ୍ନିଏବଲ ଏବଂ ବ୍ରେନ୍ ଟ୍ରି ଭୁବନେଶ୍ୱରରେ ଏହି ଏବିଏ ସର୍ଭିସ୍‌କୁ ଡିଜିଟାଲ ପ୍ଲାଟଫର୍ମରେ ସ୍କୁଲ, କ୍ଲିନିକ୍ ଏବଂ ଘରମାଙ୍କରେ ପହଂଚାଇବାର ପ୍ରୟାସ କରିଛି ।
ଶିଶୁର ବିକାଶୀକରଣ ଉପରେ ଯୋଗ ଦେଇ ଆଫଡେବଲ ଏବଂ ରିମୋର୍ଟ ଏବିଏ ସର୍ଭିସ୍ ମାଧମରେ ଏହି ରିଭୋଲ୍ୟୁସନ୍ଇଜଡ୍ ଥେରାପୀ ଅର୍ଟିଜିମ୍ ଶିଶୁମାନଙ୍କର ଅନେକ କାର୍ଯ୍ୟରେ ଆସିବ ।






### ଅଲ୍ ଇଣ୍ଡିଆ ଲୟର୍ସ ୟୁନିଅନ ଖୋର୍ଦ୍ଧାଜିଲ୍ଲା ପକ୍ଷରୁ ଅଲୋଚନା ଚକ୍ର

# ବିଚାର ବିଭାଗୀୟ ସ୍ୱାଧୀନତାରେ ଆଇନଜୀବୀଙ୍କ ଭୂମିକା




ଭୁବନେଶ୍ୱର (ପିଏନ)-ଭାରତ ଗଣତନ୍ତ୍ରର ଯେଉଁ ଚାରଟି ସ୍ତମ୍ଭ ରହିଛି ସେଥି ଭିତରୁ ବିଚାର ବିଭାଗ ଅନ୍ୟତମ। ଗତକାଲି ସର୍ବ ଭାରତୀୟ ଓକିଲସଂଘ, ଖୋର୍ଦ୍ଧାଜିଲ୍ଲା ଶାଖାର ଏକ ବୈଠକ ଇନ୍‌ଷ୍ଟିଚ୍ୟୁଟ ଅଫ ଇଂଜିନିୟରିଂ ସଭା କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ଏବଂ ଓଡିଶା ବାର କାଉନସିଲର ପୂର୍ବତନ ଅଧକ୍ଷ ମାନସ ରଂଜନ ମହାପାତ୍ର ମୂଖ୍ୟବକ୍ତାଭାବେ ଯୋଗଦେଇ ଉଦଘାଟନୀ ସଭାର ଆଭିମୂଖ୍ୟ ସଂପର୍କରେ ଆଲୋକପାତ କରିବା ସହିତ ଓକିଲମାନଙ୍କ ଦାୟୀତ୍ୱବୋଧ କର୍ତ୍ତବ୍ୟ ଓ ଜିଲ୍ଲା ଶାଖାର କାର୍ଯ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ "ବିଚାର ବିଭାଗୀୟ ସ୍ୱାଧୀନତାରେ ଆଇନଜୀବୀଙ୍କ ଭୂମିକା" ଶୀର୍ଷକ ଆଲୋଚନା ଚକ୍ରରେ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପାଣିଗ୍ରାହୀ, ରାଜ୍ୟ ବାର କାଉନସିଲର ଉପ ସଭାପତି ତଥା ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ବରିଷ୍ଠ ଆଇନଜୀବୀ ଅଜିତ ଦାସ ପ୍ରମୁଖ ବହୁ ଆଇନଜୀବୀ ଯୋଗ ଦେଇ ନିଜର ମତାମତ ରଖିଥିଲେ। ଉକ୍ତ ସଭାରେ ଖୋର୍ଦ୍ଧାଜିଲ୍ଲା ପକ୍ଷରୁ କର୍ମକର୍ତ୍ତା ନିର୍ବାଚନ କରାଯାଇ କର୍ମକର୍ତ୍ତାଙ୍କ ନାମ ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ସର୍ବଶ୍ରୀ ସୁରେଶ ଚନ୍ଦ୍ର ରାଉତରାୟ ଖୋର୍ଦ୍ଧାଶାଖାର ସଭାପତି ଭାବରେ ନିର୍ବାଚିତ ହୋଇଥିଲାବେଳେ ସୁଶାନ୍ତ କୁମାର ଦାସ ଉପସଭାପତି, ଶ୍ରୀମତୀ ସଂଗୀତା ପଟ୍ଟନାୟକ- ସାଧାରଣ ସଂପାଦିକା ଓ ଦୀପ୍ତି ପ୍ରସାଦ ନନ୍ଦ-ସହକାରୀ ସଂପାଦକ, ଖାରବେଳ ଐର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ସର୍ବସହମତିରେ ଓକିଲମାନଙ୍କ ପାଇଁ ଷ୍ଟାଇପେଣ୍ଡ ଏବଂ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା ପାଇଁ ଏକ ପ୍ରସ୍ତାବ ପାରିତ କରାଯାଇ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରାଯାଇଅଛି। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ରାଉତରାୟ ପରିଚାଳନା କରୁଥିଲେ ବୋଲି ସାଧାରଣ ସଂପାଦିକା ସଂଗୀତା ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି।

# ସିପେଟ୍ ସିଏସ୍‌ଟିଏସ୍‌ଠାରେ ୧୨ ଦିନିଆ ଉଦ୍ୟୋଗ ବିକାଶ ତାଲିମ ଶିବିର ଉଦ୍‌ଯାପିତ

ବାଲେଶ୍ୱର,(ପିଏନ): ବିଭିନ୍ନ ବର୍ଗର ଯୁବ ହିତାଧିକାରୀମାନଙ୍କୁ ନେଇ ବାଲେଶ୍ୱର ବାମପଦା ଶିଳ୍ପାଞ୍ଚଳର ପ୍ରତିଷ୍ଠିତ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ ସିପେଟ୍ ପକ୍ଷରୁ ୧୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୩୦ ଜଣ ହିତାଧିକାରୀ ଯୋଗ ଦେଇ ଉଦ୍ୟୋଗ ବିକାଶ ସମ୍ପର୍କିତ ବିଭିନ୍ନ ତାଲିମ ଗ୍ରହଣ କରିଛନ୍ତି। ବିଶେଷ କରି ବିଭିନ୍ନ ବ୍ୟାଙ୍କ, ଇନ୍ସୁରାନ୍ସ, ଶିଳ୍ପ ବୈଷୟିକ ଅଧିକାରୀ, ଟ୍ୟାକ୍ସ ପରାମର୍ଶଦାତା ଓ ବିପଣନ ସମ୍ପର୍କିତ ସମସ୍ତ ଜ୍ଞାନ ଓ ନିଜର ପ୍ରତିଷ୍ଠାନକୁ ସ୍ୱାବଲମ୍ବି କରିବା ସହ ଏହାର ଉତ୍କର୍ଷ ଯେପରି ଅନ୍ୟମାନଙ୍କୁ ଆକର୍ଷିତ କରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ନଭେମ୍ବର ୩୦ ପୂର୍ବାହ୍ନରେ ସମସ୍ତ ଶିକ୍ଷାର୍ଥୀ ଏବଂ ହିତାଧିକାରୀମାନଙ୍କୁ ସିପେଟ୍‌ର ପ୍ରବନ୍ଧକ ଏଲ ସିବା ସୁବ୍ରମନ୍ୟମ୍ ପ୍ରମାଣପତ୍ର ପ୍ରଦାନ କରିବା ସହ ନିଜର ଉଦ୍‌ବୋଧନୀ ମାଧ୍ୟମରେ କହିଥିଲେ ଯେ ତାଲିମର ସଫଳ ବିନିଯୋଗ ହୋଇପାରିଲେ ଏ ପ୍ରକାର ଶିବିର ସାର୍ଥକ ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ଆଇନଜୀବୀ ବ୍ରଜ କିଶୋର ଜେନା, ସଂଚାଳକ ସନ୍ତୋଷ କୁମାର ସାହୁ, ବିତ୍ତ ଅଧିକାରୀ ସନ୍ତୋଷିନୀ ମିଶ୍ର ଏବଂ ଶିଳ୍ପ ବିକାଶ ଅଧିକାରୀ ସମୀର କୁମାର ବାରିକ ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଭାବ ବିନିମୟ କରିଥିଲେ ।



ଫିକି ଉପ-ମହାସଚିବ, ଶ୍ରୀ ଅରୁଣ ଚାୱାଲା ଭୁବନେଶ୍ୱର ଠାରେ ମାନବ୍ୟର ମନ୍ତ୍ରୀ, ଶିଳ୍ପ, ଶକ୍ତି ଏବଂ ଏମଏସଏମଇ, ଶ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସହ ସାକ୍ଷାତ କରି ଓଡିଶାରେ ସଙ୍ଗଠନ ଦ୍ୱାରା ବିଭିନ୍ନ ପଦୋନ୍ନତି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ଓଡିଶାକୁ ସମଗ୍ର ରୂପରେ ପ୍ରଦର୍ଶନ କରିବା ପାଇଁ ଫିକି ନିଜ ବିସ୍ତୁତ ନେଟ୍‌ୱର୍କ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରେ ଉଦ୍ୟଗ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି

# ନୂତନ ବିଏମଡ଼ବ୍ଲ୍ୟୁ ୩ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ସମ୍ପୁର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍, ବିଶ୍ୱର ସବୁଠାରୁ ଅଗ୍ରଣୀ ଆଇକନିକ ସ୍ପୋର୍ଟସ ସେଦାନର କ୍ଷମତାଶାଳୀ ସପ୍ତମ ଜେନେରେସନ, ଆଜି ଗୁରୁଗ୍ରାମରେ ଥ୍ରିଲ୍ ସିଟିରେ ଶୁଭାରମ୍ଭ କରାଯାଇଛି । ଆଞ୍ଚଳିକ ରୂପେ ବିଏମଡବ୍ଲ୍ୟୁ ଗ୍ରୁପ୍ ପ୍ଲାଣ୍ଟ ଚେନ୍ନାଇରେ ଉତ୍ପାଦିତ ହେଉଥିବା ସମ୍ପୁର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ବର୍ତ୍ତମାନ ସମ୍ପୁର୍ଣ୍ଣ ଭାରତରେ ଡ଼ିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟରେ ସମସ୍ତ ବିଏମଡବ୍ଲ୍ୟୁ ଡ଼ିଲରସିପ ଗୁଡ଼ିକରେ ଉପଲବ୍ଧ ହେଉଛି । ଏହି ଅବସରରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର, ସିଇଓ, ଶ୍ରୀଯୁକ୍ତ ରୁଦ୍ରତେଜ୍ ସିଂ କହିଛନ୍ତି ଯେ, 'ବିଏମଡବ୍ଲ୍ୟୁ ୩ ସିରିଜ୍ ଏକ ଅଲ୍‌ଟିମେଟ ସ୍ପୋର୍ଟସ ସେଦାନ୍ ହିସାବରେ ଚାରି ବର୍ଷରୁ ଅଧିକ ଦସନ୍ଧିଧରି ସିୟର ଡ୍ରାଇଭିଂ ପ୍ଲେଜର ରହିଆସିଛି । ଏହାର ନୂତନ ବୈଶିଷ୍ଟ୍ୟ ସହ ଏହି ୩ ପୁଣିଥରେ ନିଜକୁ ପ୍ରମାଣିତ କରିପାରଛି ! ନୂତନ ଡ଼ିଜାଇନ, ଅଧିକ ସ୍ଥାନ, ଉନ୍ନତ ଆଭ୍ୟଂ'ର ଏବଂ ଏପରିକି ପରିଚାଳନା ଏହାକୁ ଅଧିକ ଉତ୍କୃଷ୍ଟ କରିପାରଛି । ରୋମାଞ୍ଚକ ଅନୁଭୂତି ପାଇଁ ପ୍ରସ୍ତୁତ ସମ୍ପୁର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଚାଳକ କୈନ୍ଦ୍ରିକ ଜ୍ଞାନକୌଶଳରେ ସମୃଦ୍ଧ ଯାହାକି ଅତୁଳନୀୟ ଚାଳନା ଅନୁଭୂତି ପ୍ରଦାନ କରେ ଏବଂ ଏଥିରେ ଥିବା ଅଟୋମୋବାଇଲ ରାସ୍ତାର ପ୍ରତ୍ୟକ୍ଷ ଘଟଣାର ସୂଚନା ପ୍ରଦାନ କରେ । ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର ରୂପେ ତିଆରି ହୋଇଥିବା ଉକ୍ତ ଗାଡ଼ି ଉଚ୍ଚ ସହରୀକରଣ, ଉନ୍ନତ ଏବଂ ସମ୍ପୁର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍‌ର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛି ।'ସମ୍ପୁର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଦୁଇଟି ଡ଼ିଜେଲ ଭାରିଆଣ୍ଟରେ ଶୋରୁମ ମୂଲ୍ୟ ଯଥାକ୍ରମେ ବିଏମଡବ୍ଲ୍ୟୁ ୩୨୦ଡି ସ୍ପୋର୍ଟ ମାତ୍ର ୪୧,୪୦,୦୦୦ ଟଙ୍କାରେ ଏବଂ ବିଏମଡବ୍ଲ୍ୟୁ ୩୨୦ଡି ଲକ୍ସୁରୀ ଲାଇନ୍ ମାତ୍ର ୪୬,୯୦,୦୦୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ଏହାର ପେଟ୍ରୋଲ ଭାରିଆଣ୍ଟ ବିଏମଡବ୍ଲ୍ୟୁ ୩୩୦ଆଇ ସ୍ପୋର୍ଟର ଶୋରୁମ ମୂଲ୍ୟ ଯଥାକ୍ରମେ ୪୭,୯୦,୦୦୦ଟଙ୍କା ରହିଛି ଯାହାକି ଆଞ୍ଚଳିକ ରୂପେ ଉତ୍ପାଦିତ ହେଉଛି ।

# କର୍ଣ୍ଣାଟକ ରେଟିଂ ଫ୍ରେମୱାର୍କର ଶୀର୍ଷରେ ମଣିପାଲ ଏକାଡେମୀ ଅଫ ହାୟର ଏଜୁକେଶନ

ଭୁବନେଶ୍ୱର : ମଣିପାଲ ଏକାଡେମୀ ଅଫ ହାୟର ଏଜୁକେଶନ କର୍ଣ୍ଣାଟକ ର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ରୁପେ କର୍ଣ୍ଣାଟକ ରେଟିଂ ଫ୍ରେମୱାର୍କ ୨୦୧୮-୧୯ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଛି । ଏହି ସମ୍ମାନ ଦ୍ୱିତୀୟ ଥର ପାଇଁ ମଣିପାଲ ଏକାଡେମୀ କୁ ମିଳିଛି । ମଣିପାଲ ଏକାଡେମୀ ର ପ୍ରୋ ଚାନସେଲର ଡଃ ଏଚ ଏସ ବଲ୍ଲାଲ ଓ ଗୁଣବତା ନିର୍ଦ୍ଦେଶକ ଡଃ କ୍ରିଷ୍ଟୋଫର ସୁଧାକର ଏକ ସମାରୋହରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଡଃ ସି ଅଶ୍ୱଥ ନାରାୟଣ ଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛଁ । ବାଙ୍ଗାଲୁରୁ ଠାରେ ଉଚ୍ଚଶିକ୍ଷା ବିଭାଗ ଓ କର୍ଣ୍ଣାଟକ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ମଙ୍ଗଳବାର ଦିନ ଏହି ରେଟିଂ ପ୍ରକାଶ କରାଯାଇଥିଲା । ଏମ୍‌ଏଏଚ୍‌ଇ ୧୦୦୦ରୁ ୮୪୧ ସ୍କୋର ପାଇଛି । ଏହି ରେଟିଂରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ମାନଙ୍କ ବ୍ୟାପକ ମୁଲ୍ୟାୟନ କରାଯାଇଛି । ଏଥିରେ ରାଜ୍ୟ ପ୍ରାଇଭେଟ ଓ ଡିମଡ୍ ବିଶ୍ୱବିଦ୍ୟାଳୟ ସାମିଲ ।ଏହି ସର୍ଭେ ଇଣ୍ଡିଆନ ସେଂଟର ରେ ଏକାଡେମିକ ଏକ୍ସେଲେନ୍ସ ର



ଅନୁସନ୍ଧାନଓ ବିଶ୍ଲେଷଣ ବିଭାଗ ଦ୍ୱାରା କରାଯାଇଛି । ପ୍ରୋ ଚାନସେଲର ଡଃ ବଲ୍ଲାଲ କହିଛଁ, 'ଏମ୍‌ଏଏଚ୍‌ଇ ସବୁ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ଶୀର୍ଷରେ ଥିବାରୁ ଏବଂ ୫ଟି ତାରକା ପାଇଥିବାରୁ ଆମେ ଗର୍ବିତ । ଆମକୁ ଏହି ସ୍ଥାନ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଙ୍କୁ କଠିନ ପରିଶ୍ରମ କରିବାକୁ ହେବ ।'ଏନ୍‌ଆଇଆରଏଫ୍ ର୍ୟାକିଂ ଢାଂଚାରେ କର୍ଣ୍ଣାଟକ ଷ୍ଟେଟ ୟୁନିଭର୍ସିଟି ରେଟିଂ ଫ୍ରେମୱାର୍କ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ଗୁଣବତା ମୁଲ୍ୟାଙ୍କନ କରିଥାଏ । ଏନ୍‌ଆଇଆରଏଫ୍ ରାଷ୍ଟ୍ରୀୟ ର୍ୟାକିଂ ରେ ମଣିପାଲ ଏକାଡେମୀ କୁ ୯ମ ସ୍ଥାନ ମିଳିଥିଲା । ଏକାଧିକ ଅନ୍ୟ ର୍ୟାକିଂ ଏଜେନ୍ସି ମଧ୍ୟ ୨୦୧୯ ରେ ପ୍ରସ୍ତୁତ ସର୍ଭେ ଅନୁସାରେ ମଣିପାଲ ଏକାଡେମୀ କୁ ୪ର୍ଥ ଥର ପାଇଁ ଦେଶର ଶ୍ରେଷ୍ଠ ପ୍ରାଇଭେଟ୍ ବିଶ୍ୱବିଦ୍ୟାଳୟ ବିବେଚନା କରିଛଁ । ଟାଇମସ୍ ହାୟର ଏଜୁକେଶନ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାକିଂ ଏବଂ କ୍ୟୁଏସ ସର୍ଭେ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ଉଚ୍ଚ ପ୍ରଶଂସିତ ହେଇଛି ।

# ଅସହାୟ ୬ ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଲା କିସ୍

ଭୁବନେଶ୍ୱର, (ପିଏନ): ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକ୍ ସରସରାବଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ ସରଗିଡ଼ିହି ଗ୍ରାମର ୬ ଅସହାୟା ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଛି କିସ୍ ଫାଉଣ୍ଡେସନ୍। ୫ବର୍ଷ ତଳେ ଗ୍ରାମର ମନବୋଧ କିଷାନଙ୍କ ମୃତ୍ୟୁ ଘଟିବାରୁ ତାଙ୍କର ୬ ଝିଅ ପିତୃହରା ହୋଇପଡ଼ିଥିଲେ। ବିଧବା ମାଆ ଏହି ଝିଅମାନଙ୍କୁ ବହୁ କଷ୍ଟରେ ଲାଳନ ପାଳନ କରୁଥିଲେ। ମାତ୍ର ଗତ ୩ବର୍ଷ ହେଲା ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଥିବାରୁ ଏହି ପିଲାମାନଙ୍କ ମୁହଁରେ ଦାନା ଦେବାକୁ ସେ ସଂପୂର୍ଣ୍ଣ ଅକ୍ଷମ ହୋଇପଡ଼ିଛନ୍ତି। ଘରର ପକ୍ଷାଘାତ ରୋଗୀ ମାଆଙ୍କ ସମେତ ଅନ୍ୟ ପାଞ୍ଚ ଭଉଣୀଙ୍କୁ ବଞ୍ଚାଇବା ପାଇଁ ବଡ଼ ଭଉଣୀ ଶୁକମଣୀ ଶେଷରେ ମୂଲ ଲାଗିବାକୁ ବାଧ୍ୟ ହୋଇଥିଲେ। ଗଣମାଧ୍ୟମରୁ ଏହି ଖବର ଜାଣିବା ପରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଡକାଇଥିଲେ। ରବିବାର କିସ୍ ପ୍ରତିନିଧିଙ୍କ ସହଯୋଗରେ ସ୍ୱର୍ଗତ ମନବୋଧଙ୍କ ଝିଅମାନେ କିସ୍‌ରେ ପହଞ୍ଚିବା ପରେ ଶ୍ରୀ ସାମନ୍ତ ସେମାନଙ୍କ ସଂପର୍କରେ ପଚାରି ବୁଝିଥିଲେ। ସେମାନଙ୍କ ପରିବାରର କିଭଳି ଥଇଥାନ ହୋଇପାରିବ ସେ ନେଇ ଶ୍ରୀ ସାମନ୍ତ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ଗାଁଆରେ ଦୁଃଖ କଷ୍ଟ ଓ ଅଭାବ ଅନଟନରେ ରହି ପାଠ ପଢ଼ି ପାରୁ ନ ଥିବା ୪ଝିଅଙ୍କୁ କିସ୍‌ରେ ନାମ ଲେଖାଇ ସେମାନଙ୍କ ଶିକ୍ଷା ଦାୟିତ୍ୱ କିସ୍ ନେବ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ସୁମିତା ୮ମ, ଫୁଲତୁଳୀ ୭ମ, ବେବୀ ୪ର୍ଥ ଏବଂ ଦେବିନୀ ଦ୍ୱିତୀୟ ଶ୍ରେଣୀରେ କିସ୍‌ରେ ପାଠ ପଢ଼ିବେ। ବଡ଼ ଝିଅ ମ୍ୟାଟ୍ରିକ୍ ପାସ୍ କରିଥିଲେ ମଧ ସାବାଳିକା ହୋଇନଥିବାରୁ ତାଙ୍କୁ ନିଯୁକ୍ତି ଦେବା ସମ୍ଭବ ହୋଇନଥିବାରୁ ତାଙ୍କ ପରିବାରକୁ କିସ୍ ଫାଉଣ୍ଡେସନ୍ ପକ୍ଷରୁ ମାସିକ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। କିସ୍‌ରେ ଉପଯୁକ୍ତ ଶିକ୍ଷା ପାଇଲେ ଝିଅମାନଙ୍କ ଭବିଷ୍ୟତ ଅନ୍ତତଃ ସୁରକ୍ଷିତ ହୋଇପାରିବ ବୋଲି ଶ୍ରୀ ସାମନ୍ତ କହିବା ସହ ସେମାନଙ୍କ ଘର ତିଆରି ପାଇଁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିବେ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ କୌଣସି ସହାୟତା ଆବଶ୍ୟକ ହେଲେ ତୁରନ୍ତ ତାହା କିସ୍ ଫାଉଣ୍ଡେସନ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏଣିକି ବଡ଼ ଭଉଣୀ ଶୁକମଣୀଙ୍କୁ ଅନ୍ତତଃ ମୂଲଲାଗିବାକୁ ପଡ଼ିବ ନାହିଁ। ଏଥିପାଇଁ କିସ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସ୍ୱର୍ଗତ ମନବୋଧ କିଷାନଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

# ସାମ୍ବିଧାନିକ ନୀତି-ଉଲ୍ଲଂଘନକାରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ "ମହାଅଭିଯୋଗ ପ୍ରସ୍ତାବ" ମାଧ୍ୟମରେ କ୍ଷମତାଚ୍ୟୁତ କରାଯାଉ :ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ

ଭୁବନେଶ୍ୱର (ପିଏନ): ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ୭୧ତମ "ସମ୍ବିଧାନ ଦିବସ" ଇତି ମଧ୍ୟରେ ପାର୍ଟିର ସଦର କାର୍ଯ୍ୟାଳୟ ସ୍ଥାନୀୟ ଧର୍ମବିହାର ସ୍ଥିତ କୋପରନିକସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି । ପାର୍ଟି ସଭାପତି ଡ଼. ବିଜୟାନନ୍ଦ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ସାଧାରଣ ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ସମ୍ବିଧାନ ଦିବସ "ନଭେମ୍ବର ୨୬" ଉପରେ ଆଲୋକପାତ କରିବାକୁ ଯାଇ କହିଲେ ଯେ: ଭାରତ ସମ୍ବିଧାନରେ ବ୍ୟକ୍ତିମର୍ଯ୍ୟଦା, ବାକ୍ ସ୍ୱାଧୀନତା, ସମତା, ସାମାଜିକ ନ୍ୟାୟ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟର ବ୍ୟବସ୍ଥା ଭରି ରହିଛି । ଏହି ସମ୍ବିଧାନ ନିର୍ମାଣ କରିବା କାର୍ଯ୍ୟ ୧୯୪୬ ମସିହା ଡ଼ିସେମ୍ବର ୯ ତାରିଖରେ ଆରମ୍ଭ ହୋଇ ୧୯୪୯ ନଭେମ୍ବର ୨୬ରେ ସମାପ୍ତ ହୋଇଥିଲା । ସେଥିପାଇଁ ନଭେମ୍ବର ୨୬କୁ "ସମ୍ବିଧାନ ଦିବସ"ରୂପେ ପାଳନ କରାଯାଉଛି । ମାତ୍ର ଦୁଃଖ ଓ ଲଜ୍ୟାର ବିଷୟ ଏହି ଯେ ଏହା ଭିତରେ ୭୦ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ସାମ୍ବିଧାନିକ ପଦ ପଦବୀରେ ରହୁଥିବା ବ୍ୟକ୍ତି ବିଶେଷଙ୍କର ସେପରି ଆର୍ଦଶ ସ୍ଥାନୀୟ ବ୍ୟକ୍ତିତ୍ୱ ଦେଖିବାକୁ ମିଳୁ ନାହିଁ । ମହାରାଷ୍ଟ୍ରର ସଂପ୍ରତିକ ରାଜନୈତିକ ହଟଚମଟ ଘଟଣା ଉପରେ ଆଲୋଚନା କରବାକୁ ଯାଇ ଭୋଲଟେୟାର ଦର୍ଶାଇ ଥିଲେ ଯେ, ଦେଶର ରାଷ୍ଟ୍ରପତି ମାନ୍ୟବର ରାମନାଥ କୋବିନ୍ଦ ନିଜକୁ ଅତ୍ୟନ୍ତ ଅବାଞ୍ଛନୀୟ ସ୍ତରକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ନଭେମ୍ବର ୨୨ ତରିଖ ରାତି ୫ଟା ୪୭ ମିନିଟ୍‌ରେ ମାହାରାଷ୍ଟ୍ରରୁ ରାଷ୍ଟ୍ରପତି ଶାସନ ଉଠାଇ ନେଇଥିଲେ । ତାଙ୍କ ଦ୍ୱାରା ନିଯୁକ୍ତ ମହାରାଷ୍ଟ୍ରର ରାଜ୍ୟପାଳ ଶ୍ରୀ ଭଗତ ସିଂହ କୋସିଆରି ଭୋର ସକାଳ ସାତଟା ୨୫ ମିନିଟ୍‌ରେ ନିଜ ପାଖରେ ସଂଖ୍ୟା ଗରିଷ୍ଠତାର ବଳିଷ୍ଠ ପ୍ରମାଣ ନଥିବା ସତ୍ତ୍ୱେ ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଦେଇଥିଲେ । ଏଥିସହିତ ୭୦ ହଜାର କୋଟି ଟଙ୍କାର ଜଳସେଚନ ଦୁର୍ନୀତିରେ ଛନ୍ଦି ହୋଇ ଥିବା ଏନ୍‌ସିପି ନେତା ଅଜିତ୍ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ମଧ ଶପଥ ଦିଆଇଥିଲେ । ଏହି ସରକାର ସୁପ୍ରିମକୋର୍ଟର ଅର୍ଡ଼ର ଜାରି ହେବା ପରେ ପରେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲା । ସମ୍ବିଧାନର ଧାରା ୬୦ ଅନୁଯାୟୀ ରାଷ୍ଟ୍ରପତିଙ୍କର ମୌଳିକ କାର୍ଯ୍ୟ ହେଉଛି ଭାରତ ସମ୍ବିଧାନକୁ ସୁସଂହତ ଓ ସୁରକ୍ଷିତ କରି ସମ୍ମାନୀୟ ସ୍ତରରେ ରଖିବା । ଅର୍ଥାତ୍ ଭାରତକୁ ବିଦେଶ ଆକ୍ରମଣରୁ ରକ୍ଷା କରିବା, ଦେଶକୁ ଟୁକୁରା ଟୁକୁରା କରିବାକୁ ନଦେବା ଏବଂ ସାମ୍ବିଧାନିକ ବ୍ୟବସ୍ଥା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଯେଉଁ ବ୍ୟବସ୍ଥା ରହିଛି ତଦନୁଯାୟୀ କାର୍ଯ୍ୟ କରିବା । ଇଂରାଜୀରେ ଯେଉଁ ଭାଷା ରହିଛି ତାହା ହେଲା : "ଟୁ ପ୍ରିଜର୍ଭ , ପ୍ରୋଟେକ୍ଟ ଏଣ୍ଡ୍ ଡ଼ିଫେଣ୍ଡ୍"_ । ଏଥିପ୍ରତି ସାମାନ୍ୟତମ ସମ୍ମାନ ନଜଣାଇ ରାଷ୍ଟ୍ରପତି କୋବିନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇଂଗିତାନୁଯାୟୀ କାର୍ଯ୍ୟ କରିଛନ୍ତି । ସେ ନିଜର ଗାରିମା ହରାଇଛନ୍ତି । ତାଙ୍କର ଇସ୍ତଫା ଦେବା କଥା । ମାତ୍ର ସେ ତାହା କରି ନାହାନ୍ତି । ତେଣୁ ତାଙ୍କୁ ଇମ୍ପିଚ୍‌ମେଣ୍ଟ ମାଧ୍ୟମରେ ଗାଦିଚ୍ୟୁତ କରିବା ଦରକାର ବୋଲି ଭୋଲ୍‌ଟେୟାର ଦୃଢ଼ଯୁକ୍ତି ଉପସ୍ଥାପିତ କରିଥିଲେ । ଚରମ ଦାରିଦ୍ର୍ୟ ମଧ୍ୟରେ ସନ୍ତୁଳିତ ହେଉଥିବା ରାଜ୍ୟର ଅନେକ ଗରିବ ଲୋକେ ଦେଶର ଅନ୍ୟାନ୍ୟ ରାଜ୍ୟରେ ଯାଇ ଗୋଟି ଶ୍ରମିକ ଭାବେ ଖଟୁଛନ୍ତି । ସବୁ ପିଲାଙ୍କ ପାଇଁ ଉନ୍ନତମାନର ଇଂରାଜୀ ମାଧ୍ୟମ ଶିକ୍ଷାର ବ୍ୟବସ୍ଥା ନାହିଁ । ସହରାଞ୍ଚଳରେ ରହୁଥିବା ଦରିଦ୍ର ପରିବାରର ଲକ୍ଷ ଲକ୍ଷ ଲୋକେ ସ୍ଲମ୍ ଏରିଆରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛନ୍ତି । ରାଜ୍ୟର ବିଧାନସଭା ବର୍ଷକ ମଧ୍ୟରେ ୬୦ ଦିନ ବସୁନଥିବା ବେଳେ ଓଡ଼ିଶା ପାଇଁ ବିଧାନ ପରିଷଦର କୌଣସି ଆବଶ୍ୟକତା ନାହିଁ । କେବଳ କିଛି ଚାଟୁକାର ତୋଷାମଦକାରୀ ତଥା-କଥିତ ବୁଦ୍ଧିଜୀବୀଙ୍କୁ ଥଇଥାନ କରିବା ପାଇଁ ଏବଂ ରାଜକୋଷରୁ ଅଜସ୍ର ପଇସା ନଷ୍ଟ କରିବା ପାଇଁ ଏହା ବିଜେଡ଼ିର ଏକ ନୈତିକତାବିହୀନ ଉଦ୍ୟମ ବୋଲି ଭୋଲଟେୟାର ଦର୍ଶାଇଥିଲେ । ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୂର୍ବତନ ବିଧାୟକ ଆଡ଼ଭୋକେଟ୍ ଶରତ ଚନ୍ଦ୍ର ମିଶ୍ର କହିଥିଲେ ଯେ: ଦେଶର ଲୋକସଭା ଓ ବିଧାନସଭା ଗୁଡ଼ିକରେ ଜନମତର ବାସ୍ତବ ପ୍ରତିଫଳନ ଘଟୁନାହିଁ । ଏଥି ପାଇଁ ଜର୍ମାନୀ, ନ୍ୟୁଜିଲାଣ୍ଡ ଓ ନେପାଳ ଭଳି ରାଷ୍ଟ୍ରରେ ଯେଉଁ ମିଶ୍ରିତ ଆନୁପାତିକ ପ୍ରତିନିଧିତ୍ୱର ବ୍ୟବସ୍ଥା ରହିଛି ତାହା ଭାରତରେ ଲାଗୁହେବା ନିହାତି ଦରକାର । ମୁକ୍ତଚିନ୍ତନବାଦୀ "ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ"ର ଉପସଭାପତି ହରିଶ୍ଚନ୍ଦ୍ର କର ଭାରତ ରାଜନୈତିକ ବ୍ୟବସ୍ଥାରୁ ଘୋଡ଼ା ବେପାର ହଟାଇବା ପାଇଁ ତାଙ୍କର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଜର୍ମାନୀରେ ଯେପରି ନିର୍ବାଚନ ପରେ ପରେ ଲୋକପ୍ରତିନିଧିମାନେ ଶପଥ ନେବା ସହିତ ଗୃହର ନେତା ନିର୍ବାଚନ କରନ୍ତି ଏବଂ ସେମାନଙ୍କ ଦ୍ୱାରା ନିର୍ବାଚିତ ନେତାଙ୍କୁ ଜର୍ମାନୀର ରାଷ୍ଟ୍ରପତି ଦେଶର ଚ୍ୟାନସେଲ୍‌ର ବା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଦିଅନ୍ତି । ଭାରତରେ ଏହି ନୀତି ଅନୁସୃତ ହେଲେ କୌଣସି ଦଳର ବିଧାୟକମାନଙ୍କୁ ପଞ୍ଚତାରକା ହୋଟେଲ୍‌ରେ ଲୁଚାଇ ରଖିବାକୁ ପଡ଼ିବ ନାହିଁ । ଉତ୍ସବର ଅଧକ୍ଷ ଡ଼. ବିଜୟାନନ୍ଦ କର କହିଥିଲେ ଯେ ଓଡ଼ିଶା ପାଇଁ ବିଧାନ ପରିଷଦ ସଂପୂର୍ଣ୍ଣ ଅନାବଶ୍ୟକ । ଦେଶର ରାଷ୍ଟ୍ରପତି ତାଙ୍କ ଦାୟିତ୍ୱ ତୁଲାଇବାରେ ଖିଲାପ କରିଥିବାରୁ ତାଙ୍କ ବିରୁଦ୍ଧରେ ମହାଅଭିଯୋଗ ଅଣାଯିବାର ଆବଶ୍ୟକତା ରହିଛି । ଧନ୍ୟବାଦ ପ୍ରସ୍ତାବ ଆଗତ କଲାବେଳେ ଆମୋଫୋଇ କୋ-ଫାଉଣ୍ଡର ମ୍ୟାଡ଼ାମ୍ ସ୍ୱପ୍ନା ବିଜୟିନୀ କହିଥିଲେ ଯେ ଭାରତର ରାଜନୈତିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ଜର୍ମାନୀ ଢ଼ାଞ୍ଚାରେ ଭାରତରେ ନିର୍ବାଚନ କରାଯାଉ ଏବଂ ସେଠାକାର ବିଧି ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରୀମଣ୍ଡଳ ଗଠିତ ହେଉ । ରାଷ୍ଟ୍ରପତି କୌଣସି ହାଲତରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ନତମସ୍ତକ ହୋଇ କାର୍ଯ୍ୟକରିବା ଆଦୌ ବାଞ୍ଛନୀୟ ନୁହେଁ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray